# ଆବର୍ତ୍ତନ ପାଣ୍ଠି ପରିଚାଳନା ମାର୍ଗଦର୍ଶିକା

## ୧.୦: ଉପକ୍ରମ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS) – ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଂଚଳ ଉନ୍ନୟନ ନିଗମ (OMBADC) ଜୀବିକା ଉନ୍ନୟନ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ବନ ସଂରକ୍ଷଣ ସମିତିର ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ନିମିତ୍ତ ଆୟବୃଦ୍ଧିକାରୀ ଏବଂ ଗୋଷ୍ଠୀ ଭିତ୍ତିକ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବର୍ତ୍ତନ ପାଣ୍ଠି ପ୍ରଦାନର ପ୍ରାବଧାନ ରହିଛି । ଆବର୍ତ୍ତନ ପାଣ୍ଠି ସାମାଜିକ ଅନ୍ତର୍ଭୁକ୍ତିକରଣର ଏକ ମାଧ୍ୟମ। ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀ ଯଥା :ସ୍ୱୟଂସହାୟକ ଗୋଷ୍ଠୀ (SHG), ସମ ଆଗ୍ରହୀ ଗୋଷ୍ଠୀ(CIG) ତଥା ଅତି ଗରିବ ପରିବାରଙ୍କ (PoP )ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ। ଅତିରିକ୍ତ ଆୟ ଉପାର୍ଜନ ଉଦ୍ଦେଶ୍ୟରେ ଆୟ ଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକ ହାତକୁ ନେବା ପାଇଁ ଋଣ ଗ୍ରହଣକାରୀ ପକ୍ଷଙ୍କୁ ଏହା ସୁଯୋଗ ପ୍ରଦାନ କରିବା ସହ ଋଣ ଗ୍ରହଣକାରୀ ମାନଙ୍କୁ ପ୍ରାରମ୍ଭିକ ମୂଳଧନ ଯୋଗାଇ ଦେଇ ସେମାନଙ୍କ ଦ୍ୱାରା ସଂଗୃହୀତ ଉତ୍ପାଦ ଗୁଡ଼ିକୁ ଏକତ୍ରିତ କରି ବଜାରୀକରଣ ନିମନ୍ତେ ଏଥିରେ ବ୍ୟବସ୍ଥା ରହିଛି।

## ୨.୦: ଆବର୍ତ୍ତନ ପାଣ୍ଠିର ଉଦ୍ଦେଶ୍ୟ

ଆୟ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବାରର ଆୟବୃଦ୍ଧି ପାଇଁ ଆଗ୍ରହୀ ଋଣ ଗ୍ରହଣକାରୀ ଯଥା :ସ୍ୱୟଂସହାୟକ ଗୋଷ୍ଠୀ (SHG), ସମ ଆଗ୍ରହୀ ଗୋଷ୍ଠୀ(CIG) ତଥା ଅତି ଗରିବ ପରିବାରଙ୍କୁ (POP) ଋଣ ପ୍ରଦାନ ପାଇଁ ଜୀବିକା ଉନ୍ନୟନ ପ୍ରକଳ୍ପ ଅନ୍ତର୍ଭୁକ୍ତ ବନ ସୁରକ୍ଷା ସମିତିକୁ ଅନୁଦାନ ହିସାବରେ ଏହି ପାଣ୍ଠି ପ୍ରଦାନ କରାଯାଇଥାଏ।

ଏହାର ସବିଶେଷ ଉଦ୍ଦେଶ୍ୟ ନିମ୍ନରେ ଉଲ୍ଲେଖ କରାଗଲା :-

- ଆୟ ଭିତ୍ତିକ କାର୍ଯ୍ୟକ୍ରମ ଦିଗରେ ନିବେଶ ପାଇଁ ଆବଶ୍ୟକ ଅର୍ଥ ଉପଲବ୍ଧ କରାଇବାରେ ସହାୟକ ହେବ।
- ଆୟ ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଆଗ୍ରହୀ ଋଣ ଗ୍ରହଣକାରୀଙ୍କୁ ଋଣପ୍ରଦାନ କରି ଆର୍ଥିକ ଆବଶ୍ୟକତା ପୂରଣ କରିବା।
- ପାଣ୍ଠିର ଆବର୍ତ୍ତନ ଏବଂ ସୁଧ ଆଦାୟ ଜରିଆରେ ପାଣ୍ଠିର ମୂଲ୍ୟବୃଦ୍ଧି କରାଇବା ।

- ପ୍ରକଳ୍ପ ଅବଧି ପରେ ମଧ୍ୟ ଗୋଷ୍ଠୀ ସ୍ତରରେ ଏକ ନିର୍ଭରଶୀଳ ପାଣ୍ଠିକୁ ସଂରକ୍ଷିତ ରଖିବା।
- ପ୍ରକଳ୍ପ ଅବଧି ପରେ ପାଣ୍ଠିର ନିରନ୍ତର ପରିଚାଳନା ଓ ନିରବଚ୍ଛିନ୍ନ ଆୟ ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଗୋଷ୍ଠୀ ସ୍ତରରେ ସାମର୍ଥ୍ୟ ବୃଦ୍ଧି କରିବା ।

**୩.0 : ଆବର୍ତ୍ତନ ପାଣ୍ଠିର ଉତ୍ସ**

ପ୍ରକଳ୍ପ ଅନ୍ତର୍ଭୁକ୍ତ ବନ ସଂରକ୍ଷଣ ସମିତି ଅଧୀନସ୍ଥ ଆୟ ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଋଣ ଗ୍ରହଣକାରୀ ସଂସ୍ଥା ସମୂହଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାର ଲକ୍ଷ୍ୟ ନେଇ ପ୍ରତି ବନ ସୁରକ୍ଷା ସମିତି ନିମନ୍ତେ ଅନୁଦାନ ଭାବେ ମୋଟ ଦୁଇ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠିର ବ୍ୟବସ୍ଥା ହୋଇଛି ।

୧. ପ୍ରକଳ୍ପ  ଅନ୍ତର୍ଭୁକ୍ତ ବନ ସଂରକ୍ଷଣ ସମିତି ମାନଙ୍କୁ ଅନୁଦାନ ଭାବେ ଆବର୍ତ୍ତନ ପାଣ୍ଠି ସମ୍ପୃକ୍ତ ବନଖଣ୍ଡ ଜରିଆରେ ରାଜ୍ୟ ପ୍ରକଳ୍ପ ପରିଚାଳନା ସଂସ୍ଥା (SPMU)   ଦ୍ଵାରା ପ୍ରଦାନ କରାଯିବ ।

୨. ପ୍ରତି ବନ ସୁରକ୍ଷା ସମିତିଙ୍କୁ  ପ୍ରଦତ୍ତ ଆବର୍ତ୍ତନ ପାଣ୍ଠିର ସୁବିନିଯୋଗ କରିବା ପାଇଁ ଏକ ସଂକ୍ଷିପ୍ତ ବ୍ୟବସାୟ  ବିକାଶ ଯୋଜନା ( ବିଜିନେସ୍ ଡେଭେଲପମେଣ୍ଟ ପ୍ଲାନ ) ପ୍ରସ୍ତୁତ କରିବାକୁ ପଡିବ ।

**୪.0 : ଲକ୍ଷ୍ୟଭୁକ୍ତ ଗୋଷ୍ଠୀ ଓ ଆୟ ଭିତିକ କାର୍ଯ୍ୟ କ୍ରମର  ପ୍ରକାର**

୪.୧ : ଲକ୍ଷ୍ୟଭୁକ୍ତ ଗୋଷ୍ଠୀ: ସ୍ୱୟଂ ସହାୟକ ଗୋଷ୍ଠୀ  ମୁଖ୍ୟତଃ ମହିଳା ସ୍ୱୟଂ ସହାୟିକା  ଗୋଷ୍ଠୀ,  ସମ ଆଗ୍ରହୀ ଗୋଷ୍ଠୀ  ଏବଂ ଦରିଦ୍ରତମ ବ୍ୟକ୍ତି ବିଶେଷ , ଯେଉଁ ମାନଙ୍କ  ନିକଟରେ  ଆୟ ଭିତ୍ତିକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ  ଦକ୍ଷତା, କ୍ଷମତା ଓ ଆଗ୍ରହ ରହିଥିବ, ସେମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ ।

୪.୨: ଆୟ ବୃଦ୍ଧିକାରୀ କାର୍ଯ୍ୟ କ୍ରମର ପ୍ରକାର

ଜୀବିକା ଉନ୍ନୟନ ପ୍ରକଳ୍ପ  ଅନ୍ତର୍ଭୁକ୍ତ ଜଙ୍ଗଲ ଉପଖଣ୍ଡରେ ରହୁଥିବା ଅଧିବାସୀ / ଗୋଷ୍ଠୀ ସମୂହଙ୍କ ଆୟ ଭିତ୍ତିକ କାର୍ଯ୍ୟ କ୍ରମ ମାଧ୍ୟମରେ ଜୀବନ ଜୀବିକା ନିର୍ବାହ ପାଇଁ ଉଭୟ ପାରମ୍ପରିକ ଏବଂ ଆଧୁନିକ ପ୍ରଣାଳୀରେ  ଚାଷ କାର୍ଯ୍ୟ, ଚାଷ କାର୍ଯ୍ୟ ବହିର୍ଭୂକ୍ତ , ଅଣ କୃଷି  ଓ ଲଘୁ ବନ ଜାତ ଦ୍ରବ୍ୟ ସଂଗ୍ରହ ଓ ବ୍ୟବସାୟର ଉନ୍ନତି  ପାଇଁ ଋଣ ଆକାରରେ

ସହାୟତା ପ୍ରଦାନ କରାଯିବ । ବନ ସୁରକ୍ଷା ସମିତି ଦ୍ଵାରା ଚିହ୍ନଟ କରାଯାଇଥିବା ଉତ୍ପାଦ ଗୁଡିକର ବ୍ୟବସାୟ ପାଇଁ ଆବର୍ତ୍ତନ ପାଣ୍ଠି ବିନିଯୋଗ ହେବ। ଅଧିବାସୀମାନଙ୍କ ରୋଜଗାର ଓ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଋଣ ସହାୟତା ନିମ୍ନ ପ୍ରକାରରେ କରାଯିବ ।

(କ) ମହିଳା ସ୍ଵୟଂ ସହାୟିକା ଗୋଷ୍ଠୀ ( WSHG), ସମ ଆଗ୍ରହୀ ଗୋଷ୍ଠୀ ( ସି ଆଇଜି) ଏବଂ ଅତି ଗରିବ ପରିବାରଙ୍କ (ପିଓପି) ଅତିରିକ୍ତ ଆୟ ଭିତ୍ତିକ କାର୍ଯ୍ୟ କ୍ରମ ( ଆଇଜିଏ ) ପାଇଁ ସ୍ଵଳ୍ପ ଅବଧିର ଓ ଅଳ୍ପ ପରିମାଣର ଋଣ ପ୍ରଦାନ ବ୍ୟବସ୍ଥା ରହିଛି । ଉତ୍ପାଦ ଗୁଡିକର ମାନ ବୃଦ୍ଧି ଏବଂ ବଜାରୀକରଣ ପାଇଁ ପ୍ରକଳ୍ପ ସହାୟକ ମାନେ ପ୍ରତ୍ୟକ୍ଷ ଭାବେ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବିଭାଗର ସାହାଯ୍ୟ ନେଇ ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରିବେ ।

(ଖ) ଏକକ ଉତ୍ପାଦ ସଂଗ୍ରହକାରୀ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟ କ୍ରମ ପାଇଁ ଋଣ ପ୍ରଦାନ କରାଯିବ । ଋଣ ଗ୍ରହଣ କାରୀ ମାନେ ମାନ ବୃଦ୍ଧି ଏବଂ ସାମୁହିକ ବିକ୍ରୟ ଦ୍ଵାରା ଆୟ ବୃଦ୍ଧି କରି ପାରିବେ ଏବଂ ଅନ୍ୟାନ୍ୟ ଋଣ ଗ୍ରହଣକାରୀ ମାନଙ୍କ ସହିତ ମିଳିତ ହୋଇ ଚାହିଦା ଥିବା ବଜାର ଗୁଡିକ ସହ ସମ୍ପର୍କ ସ୍ଥାପନ କରିପାରିବେ ।

(ଗ) ଉତ୍ପାଦ ଆଧାରିତ କ୍ଲଷ୍ଟର / ସମୂହ ଗୋଟିଏ କିମ୍ବା ଚାହିଦା ଥିବା ଅଳ୍ପ କିଛି ଉତ୍ପାଦକୁ ନେଇ ଗଠନ କରାଯିବ । ଏହିଭଳି ସଂଗଠିତ ପ୍ରତ୍ୟେକ କ୍ଲଷ୍ଟର / ସମୂହ ନିମ୍ନ ଲିଖିତ ବିକଳ୍ପ ରୋଜଗାରପନ୍ଥା ମଧ୍ୟରୁ କୌଣସି କାର୍ଯ୍ୟ କ୍ରମ ଗ୍ରହଣ କରିପାରିବେ ।

- ଜଙ୍ଗଲ ଆଧାରିତ - ( ଶାଳ ଏବଂ ଶିଆଳି ପତ୍ରର ଖଲି, ଝାଡୁ, ଲଘୁ ବନଜାତ ଦ୍ରବ୍ୟ , ଇତ୍ୟାଦି )
- ଚାଷ କାର୍ଯ୍ୟ ଆଧାରିତ - ( କୃଷି, ଉଦ୍ୟାନ କୃଷି, ମାଛ ଚାଷ, ମହୁ ଚାଷ, ଫୁଲ ଚାଷ, ନର୍ସରୀ , ଇତ୍ୟାଦି )
- ଅଣ କୃଷି ଆଧାରିତ – ( ଦୁଗ୍ଧ ଜାତ ଦ୍ରବ୍ୟ, କୁକୁଡା ପାଳନ, ଛେଳି ପାଳନ, ଘୁଷୁରି ପାଳନ ଇତ୍ୟାଦି )
- ଚାଷ କାର୍ଯ୍ୟ ବହିର୍ଭୂତ ଆଧାରିତ – ( ଆବଶ୍ୟକତା ଅନୁଯାୟୀ ଉଦ୍ୟୋଗ, ଯଥା: ପାଣି ପାଇପ କାମ , କାଠ କାମ, ସିଲେଇ କାମ, ସାଇକେଲ ମରାମତି କାମ, ଦୋକାନ ଇତ୍ୟାଦି )

(ଘ) ଏହି ଋଣ ଗ୍ରହଣକାରୀ ମାନେ ପ୍ରକଳ୍ପ ଜରିଆରେ ବନ ସୁରକ୍ଷା ସମିତି (ଭି ଏସ ଏସ ) କୁ ପ୍ରଦାନ କରାଯାଇଥିବା ଆବର୍ତ୍ତନ ପାଣ୍ଠି ଋଣ ସହାୟତା ରୂପେ ପାଇପାରିବେ ।

## ୫.୦ : ଋଣ ଗ୍ରହଣକାରୀ ପକ୍ଷଙ୍କ ଚୟନ ନିମନ୍ତେ ଯୋଗ୍ୟତା ମାନଦଣ୍ଡ

୫.୧: ସାଧାରଣ ମାନଦଣ୍ଡ

ଆବର୍ତ୍ତନ ପାଣ୍ଠି ଋଣ ମଞ୍ଜୁରୀ ପାଇଁ ଗ୍ରହଣକାରୀଙ୍କ ଯୋଗ୍ୟତା ମାନଦଣ୍ଡଗୁଡିକ ନିମ୍ନରେ ପ୍ରଦାନ କରାଗଲା :

- ଋଣ ଗ୍ରହଣକାରୀ ସେହି ଗ୍ରାମର ବାସିନ୍ଦା ହୋଇଥିବେ ଏବଂ ନିଶ୍ଚିତ ରୂପେ ସେହି ଭିଏସ ଏସ ର ସଦସ୍ୟ ହୋଇଥିବେ ।
- ସେମାନେ ନିଶ୍ଚିତ ରୂପେ ଜଙ୍ଗଲ ସୁରକ୍ଷା ଏବଂ ଭିଏସ ଏସ ର କାର୍ଯ୍ୟ କ୍ରମରେ ସହଯୋଗ କରୁଥିବେ ।
- ଆୟ ଭିତ୍ତିକ କାର୍ଯ୍ୟ କ୍ରମ (ଆଇଜିଏ) ହାତକୁ ନେବା ପାଇଁ ସେମାନଙ୍କ ନିକଟରେ ଆବଶ୍ୟକ ସମ୍ବଳ ଏବଂ ଦକ୍ଷତା ଥିବ ଏବଂ ପ୍ରକଳ୍ପ ଅଧୀନରେ ପ୍ରୋତ୍ସାହିତ କରାଯାଉଥିବା ଉତ୍ପାଦ କ୍ଲଷ୍ଟରରେ ଯୋଗ ଦେବା ପାଇଁ ମଧ୍ୟ ଆଗ୍ରହୀ ଥିବା ଆବଶ୍ୟକ ।
- ଋଣ ଗ୍ରହଣକାରୀ ପକ୍ଷଙ୍କ ଅତି କମ୍ ରେ ଏକ ବର୍ଷ ର କାର୍ଯ୍ୟ କାରୀ ଅଭିଜ୍ଞତା ଏବଂ କାର୍ଯ୍ୟ କ୍ଷମ ବ୍ୟାଙ୍କ ଆକାଉଣ୍ଟ ରହିଥିବ । ଅତି ଗରିବ (ପି ଓ ପି ) ଆବେଦନକାରୀମାନେ ନିଶ୍ଚିତ ରୂପରେ ସେହି ଗ୍ରାମରେ ବିଗତ ତିନି ବର୍ଷ ଧରି ରହୁଥିବେ, ସେ ଜଣେ ପ୍ରବାସୀ ହୋଇ ନ ଥିବେ ଏବଂ ତାଙ୍କ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଥିବା ଆବଶ୍ୟକ ।
- ଋଣ ଗ୍ରହଣକାରୀ ପକ୍ଷ ମାନଙ୍କର ଆୟ ଭିତ୍ତିକ କାର୍ଯ୍ୟ କ୍ରମ ପାଇଁ ଆବର୍ତ୍ତନ ପାଣ୍ଠିରୁ ମିଳୁଥିବା ଋଣକୁ ସୁବିନିଯୋଗ କରିବାର ଏବଂ ଠିକ ସମୟରେ ଋଣ ଫେରସ୍ତ କରିବାର କ୍ଷମତା ରହିବା ଉଚିତ । ଋଣ ମଞ୍ଜୁର କରିବା ପୂର୍ବରୁ ବନ ସୁରକ୍ଷା ସମିତି ଋଣ ଗ୍ରହଣକାରୀଙ୍କ ପାଣ୍ଠି / ଋଣ ପରିଚାଳନାର ପୂର୍ବ ରେକର୍ଡକୁ ଅନୁଧ୍ୟାନ କରିବେ ।
- ଋଣ ଗ୍ରହଣକାରୀ ପକ୍ଷ ଦରଖାସ୍ତ ସହିତ ଫର୍ମାଟ ଅନୁସାରେ ବ୍ୟବସାୟିକ ଯୋଜନା , ଋଣ ରାଶି ବିନିଯୋଗ ତଥା ପରିଶୋଧ ସମ୍ବନ୍ଧୀୟ ତଥ୍ୟ ଆବେଦନ ପତ୍ରରେ ସଂଲଗ୍ନ କରିବେ । ଋଣ ଅନୁମୋଦନ ପାଇଁ ଏହା ଅତି ଆବଶ୍ୟକ ।
- ବ୍ୟାଙ୍କର କୌଣସି ଶାଖାରେ ଋଣ ଗ୍ରହଣକାରୀ ପକ୍ଷ ନିଶ୍ଚିତ ରୂପେ ଋଣ ଖିଲାପି ହୋଇନଥିବେ ।

୫.୨: ସ୍ୱୟଂସହାୟକ ଗୋଷ୍ଠୀ ( ଏସଏଚଜି ) ମାନଙ୍କୁ ଚୟନ କରିବା ମାନଦଣ୍ଡ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ( OFSDS) – ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଂଚଳ ଉନ୍ନୟନ ନିଗମ ( OMBADC) ଜୀବିକା ଉନ୍ନୟନ ମାର୍ଗ ଦର୍ଶିକାରେ ସ୍ୱୟଂସହାୟକ / ସହାୟିକା ଗୋଷ୍ଠୀ ଚୟନର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି । ଏହା ଆବର୍ତ୍ତନ ପାଣ୍ଠିରୁ ଋଣ ପ୍ରଦାନ କ୍ଷେତ୍ରରେ ଏସଏଚଜି ଚୟନ କରିବା ନିମିତ୍ତ ବ୍ୟବହୃତ ହେବ । ସାଧାରଣଭାବେ ଋଣ ଗ୍ରହଣକାରୀ ପକ୍ଷ ଏବଂ ବିଶେଷ ରୂପେ ଏସଏଚ ଜି ଯାହା ବ୍ୟାଙ୍କ /

ମିଶନ ଶକ୍ତି / ଓ ଏଲ ଏମ ଠାରୁ ଋଣ ସହାୟତା ପାଇଥିବେ ସେମାନେ ଜୀବିକା ଉନ୍ନୟନ ପ୍ରକଳ୍ପ ଆବର୍ତ୍ତନ ପାଣ୍ଠି ( ଆର ଏଫ )ରୁ ଋଣ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

୫.୩ : ସମ ଆଗ୍ରହୀ ଗୋଷ୍ଠୀ ( ସି ଆଇଜି) ଚୟନ ପାଇଁ ମାନଦଣ୍ଡ

ସମ ଆଗ୍ରହୀ ଗୋଷ୍ଠୀକୁ ବନ ସଂରକ୍ଷଣ ସମିତିର କାର୍ଯ୍ୟକାରୀ କମିଟି ଦ୍ୱାରା ଗଠନ ବା ଚୟନ କରାଯିବ । ବନ ସଂରକ୍ଷଣ ସମିତିର କାର୍ଯ୍ୟକାରୀ କମିଟି ଋଣ ଗ୍ରହଣକାରୀ ସଦସ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ଆବେଦନପତ୍ର ଗ୍ରହଣ କରିବେ ଓ ସଠିକ ଆବେଦନ ଉପରେ ତର୍ଜମା କରିବେ । ଏହି କାର୍ଯ୍ୟ ବିବରଣୀକୁ (ପ୍ରୋସିଡିଙ୍ଗ) ଭିଏସଏସର କାର୍ଯ୍ୟକାରୀ କମିଟି ବୈଠକରେ ଏକ ସଂକଳ୍ପ ଭାବେ ଯଥାଯଥ ଭାବରେ ନଥିଭୁକ୍ତ କରାଯିବ ।

- ସମ ଆଗ୍ରହୀ ଗୋଷ୍ଠୀ ( ସି ଆଇଜି)ର ସଦସ୍ୟମାନେ ଅଣୁଯୋଜନା ପ୍ରସ୍ତୁତ କରାଯିବ ସମୟରେ ଉନ୍ନୟନ ମୂଳକ କାର୍ଯ୍ୟ କ୍ରମରେ ଏକ ଗୋଷ୍ଠୀ ଭାବେ ଚିହ୍ନଟ ହୋଇଥିବେ । ଅଣୁ
- ସମ ଆଗ୍ରହୀ ଗୋଷ୍ଠୀ ଗୋଟିଏ ଗ୍ରାମର ୩ – ୧୦ ଜଣ ବ୍ୟକ୍ତି ( ମହିଳା, ପୁରୁଷ, ଉଭୟ ଲିଙ୍ଗ )ଙ୍କୁ ନେଇ ଗଠନ କରାଯାଇ ପାରିବ ।
- ସମ ଆଗ୍ରହୀ ଗୋଷ୍ଠୀ ର ସଦସ୍ୟମାନେ ଗତ ତିନି ବର୍ଷ ଧରି ସେହି ଗ୍ରାମରେ ବସବାସ କରୁଥିବେ ଏବଂ ପ୍ରବାସୀ ଶ୍ରମିକ ହୋଇ ନଥିବେ ।
- ସଦସ୍ୟମାନଙ୍କର ବୈଧ ଆଧାର କାର୍ଡ ଥିବ ।
- ପ୍ରତି ସଦସ୍ୟଙ୍କର ଆୟ ଭିତ୍ତିକ କାର୍ଯ୍ୟ (ଆଇଜିଏ ), ଗ୍ରାମ ପାଇଁ ନିର୍ଦ୍ଧାରିତ ହୋଇଥିବା ଉତ୍ପାଦ ସମୂହ (ପ୍ରୋଡକ୍ଟ କ୍ଲଷ୍ଟର) କୁ ଆଗକୁ ବଢେଇବା ନିମନ୍ତେ ଉଦ୍ଦିଷ୍ଟ ଥିବ ।
- ସମ ଆଗ୍ରହୀ ଗୋଷ୍ଠୀ ନିକଟସ୍ଥ ବ୍ୟାଙ୍କ ଶାଖାରେ ଏକ ଯୁଗ୍ମ ବ୍ୟାଙ୍କ ଏକାଉଣ୍ଟ ଖୋଲିବେ, ଯାହାକୁ ଗୋଷ୍ଠୀର ଦୁଇ ଜଣ ସଦସ୍ୟ ଯୁଗ୍ମ ଭାବେ ପରିଚାଳନା କରିବେ ।
- ସମ ଆଗ୍ରହୀ ଗୋଷ୍ଠୀ ଗଠନର ଏକ ମାସ ପରେ ଋଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବା ସହିତ ଆବର୍ତ୍ତନ ପାଣ୍ଠିର ପ୍ରାବଧାନକୁ ଅନୁପାଳନ କରିବେ ।
- କୌଣସି ବି ସଦସ୍ୟ ସମାନ ଉଦ୍ଦେଶ୍ୟ ପାଇଁ ଅନ୍ୟ କୌଣସି ଋଣ ଦାତାଙ୍କ ନିକଟରୁ ଋଣ ଆଣି ନ ଥିବେ ଏବଂ ଋଣ ଖିଲାପି ହୋଇ ନ ଥିବେ ।
- ସମ ଆଗ୍ରହୀ ଗୋଷ୍ଠୀ ପାଇଁ ସର୍ବାଧିକ ଋଣର ପରିମାଣ ୨୦,୦୦୦ ଟଙ୍କା ରହିବ, ଯାହାକୁ ପରବର୍ତ୍ତୀ ପର୍ଯାୟରେ ଦକ୍ଷତା ଦେଖି ବୃଦ୍ଧି କରାଯାଇପାରେ ।

୫.୪ : ଅତି ଗରିବଙ୍କୁ ଚୟନ କରିବା ନିମନ୍ତେ ମାନଦଣ୍ଡ

- ଯେଉଁ ଅତି ଗରିବ ବ୍ୟକ୍ତି ସ୍ୱୟଂସହାୟକ ଗୋଷ୍ଠୀ କିମ୍ବା ସମ ଆଗ୍ରହୀ ଗୋଷ୍ଠୀରୁ ବାଦ ପଡିଥିବେ, ସାମାଜିକ, ଆର୍ଥିକ, କିମ୍ବା ନିୟମ ଦ୍ରୁଷ୍ଟି କୋଣରୁ ସେମାନେ ଆବର୍ତ୍ତନ ପାଣ୍ଠିରୁ ଋଣ ପାଇବାକୁ ଯୋଗ୍ୟ ହେବେ ଯଦି ଅନ୍ୟାନ୍ୟ ସାଧାରଣ ମାନଦଣ୍ଡ ପୂରଣ କରୁଥିବେ ।
- ଅତି ଗରିବ ବ୍ୟକ୍ତି (ପି ଓ ପି ) ଗ୍ରାମରେ ଅନ୍ତତଃ ୩ ବର୍ଷ ଧରି ରହୁଥିବେ ଏବଂ ପ୍ରବାସୀ ଶ୍ରମିକ ହୋଇ ନ ଥିବେ । ତାଙ୍କ ନାମରେ ଏକ ବୈଧ ଆଧାର କାର୍ଡ ଥିବ ।
- ଅତି ଗରିବ ବ୍ୟକ୍ତି ମାନେ ଅଣୁଯୋଜନା (ମାଇକ୍ରୋପ୍ଲାନ) ପ୍ରସ୍ତୁତ କରିବା ସମୟରେ ହିତାଧିକାରୀ ତାଲିକାରେ ଅତି ଗରିବ ଭାବରେ ଚିହ୍ନଟ ହୋଇଥିବେ ।
- ଅତି ଗରିବ ବ୍ୟକ୍ତି (ପି ଓ ପି )ଙ୍କ ବୟସ ୨୫ରୁ ୬୦ ବର୍ଷ ମଧରେ ହୋଇଥିବା ଆବଶ୍ୟକ ।
- ଅତି ଗରିବ ବ୍ୟକ୍ତି (ପି ଓ ପି )ସଦସ୍ୟ ଋଣ ପାଇଁ ଭିଏସଏସର ଦୁଇ ଜଣ ବିଶ୍ୱସ୍ତ ସଦସ୍ୟଙ୍କର ଗ୍ୟାରେଣ୍ଟର ଭାବେ ଦସ୍ତଖତ କରାଇ ଏକ ସାମାଜିକ ଗ୍ୟାରେଣ୍ଟୀ ନଥି ପ୍ରସ୍ତୁତ କରି ଦାଖଲ କରିବେ । ଏହା ଋଣ ଆବଦେନର ଏକ ଅଂଶବିଶେଷ ହେବ ।
- ଅତି ଗରିବ (ପି ଓ ପି ) ସଦସ୍ୟ ଗ୍ରାମ ପାଇଁ ନିଷ୍ପତ୍ତି ନିଆ ଯାଇଥିବା ଉତ୍ପାଦ କ୍ଲଷ୍ଟର / ସମୂହ ନିମନ୍ତେ ଆୟ ବୃଦ୍ଧିକାରୀ କାର୍ଯ୍ୟ କ୍ରମ ଗ୍ରହଣ କରିବାକୁ ନିଶ୍ଚିତ ରୂପେ ରାଜି ଥିବେ ।
- ଅତି ଗରିବ (ପି ଓ ପି )ଙ୍କ ନାମରେ ନିଶ୍ଚିତ ରୂପେ ଏକ କାର୍ଯ୍ୟ କ୍ଷମ ବ୍ୟାଙ୍କ ଆକାଉଣ୍ଟ ଥିବ ।
- ଅତି ଗରିବ (ପି ଓ ପି ) କୌଣସି ଆର୍ଥିକ ଅନୁଷ୍ଠାନ କିମ୍ବା ମାଇକ୍ରୋ ଫାଇନାନସିଙ୍ଗ ଅନୁଷ୍ଠାନ ନିକଟରେ ଖିଲାପି ହୋଇ ନ ଥିବେ ।
- ପ୍ରତ୍ୟେକ ଅତି ଗରିବ ପରିବାର ସର୍ବାଧିକ ୫୦୦୦ ଟଙ୍କା ଋଣ ନେଇ ପାରିବେ , ଯାହା ପରବର୍ତ୍ତୀ ଋଣ ଚକ୍ର ଗୁଡ଼ିକରେ ବୃଦ୍ଧି ହୋଇପାରେ । ଏଥି ପାଇଁ ସେମାନଙ୍କର ସଫଳତା ଏବଂ ଋଣ ପରିଶୋଧ ସମୟାନୁବର୍ତ୍ତିତା ଦେଖି ଋଣ ରାଶି ବୃଦ୍ଧି ପାଇଁ ବିଚାର କରାଯିବ ।

**୬.୦ : ଋଣ ମଞ୍ଜୁରୀ ପାଇଁ ଋଣ ମୂଲ୍ୟାୟନ କମିଟିର ଗଠନ**

ବନ ସୁରକ୍ଷା ସମିତି ସ୍ତରରେ ପାଞ୍ଚ ଜଣ ସଦସ୍ୟଙ୍କୁ ନେଇ ଏକ ଋଣ ମୂଲ୍ୟାଙ୍କନ କମିଟି ଗଠନ କରାଯିବ। ସେଥିରେ ଭିଏସଏସ ଅଧକ୍ଷ କିମ୍ବା ଉପାଧକ୍ଷ, ସମ୍ପାଦକ ( ସେକ୍ରେଟାରୀ), କୋଷାଧ୍ୟକ୍ଷ ( ଟ୍ରେଜେରର ), ଗ୍ରାମର ଗୋଷ୍ଠୀ ସହାୟକ ( ଆନିମେଟର ) ଏବଂ ଭିଏସଏସର କାର୍ଯ୍ୟକାରୀ କମିଟି ( ଇସି ) ଦ୍ୱାରା ମନୋନୀତ ଜଣେ ସଭ୍ୟ ରହିବେ । ସମସ୍ତ ପାଞ୍ଚ ଜଣ ସଦସ୍ୟ ଯଦି ( କୌଣସି କାରଣରୁ ) ଉପସ୍ଥିତ ନ ରହି ପାରନ୍ତି, ତେବେ ଅଧ୍ୟକ୍ଷ, ସମ୍ପାଦକ ଓ ବନ ସଂରକ୍ଷଣ ସମିତି ଦ୍ୱାରା ମନୋନୀତ ସଭ୍ୟଙ୍କୁ ନେଇ ଗଠିତ କମିଟି ଋଣ ଦରଖାସ୍ତକୁ

ଯାଞ୍ଚ କରି ଭିଏସଏସର କାର୍ଯ୍ୟକାରୀ କମିଟି ଦ୍ୱାରା ଅନୁମୋଦନ ପାଇଁ ସୁପାରିଶ କରିବେ । ଏହି କମିଟି ପ୍ରତି ତିନି ବର୍ଷରେ ପୁର୍ନଗଠିତ ହେବ ।

ପ୍ରତ୍ୟେକ ଋଣ ଆବେଦନ ଦରଖାସ୍ତ ସହିତ ଆବେଦନ ଫି ୧୦୦ ଟଙ୍କା ହେବ । ଏହି ଫି ବାବଦ ଟଙ୍କା ଭିଏସଏସର ଆର ଏଫ ପାଣ୍ଠିରେ ଜମା କରା ହବେ । ଏହି ଦେୟକୁ ଯାଞ୍ଚ କମିଟି ଦ୍ୱାରା ପ୍ରକ୍ରିୟା କରଣ ପାଇଁ ଖର୍ଚ୍ଚ କରାଯାଇପାରିବ। ଏହି ଦେୟ ଅତି ଗରିବ ଶ୍ରେଣୀର (PoP) ଋଣ ଗ୍ରହଣକାରୀଙ୍କ ପାଇଁ ଛାଡ କରାଯାଇଛି।

**୭.୦ : ଋଣ ଗ୍ରହଣକାରୀ ପକ୍ଷଙ୍କ ଦ୍ୱାରା ଋଣ ପାଇଁ ଆବେଦନର ପ୍ରକ୍ରିୟା**

ଋଣ ପାଇବା ପାଇଁ ଋଣ ଗ୍ରହଣକାରୀ ପକ୍ଷ ଭିଏସଏସ ନିକଟରେ ପ୍ରସ୍ତାବିତ ଆୟ ଭିତ୍ତିକ କାର୍ଯ୍ୟ କ୍ରମର ଏକ ବ୍ୟବସାୟିକ ଯୋଜନା ସହିତ ଋଣ ଆବେଦନ ପତ୍ର ଦାଖଲ କରିବେ । ବ୍ୟବସାୟିକ ଯୋଜନାର ଫର୍ମ ଗୁଡିକ

ଭିଏସଏସ ନିକଟରେ ଉପଲବ୍ଧ ହେବ । କାର୍ଯ୍ୟ କାରୀ କମିଟିର ସଦସ୍ୟ, ଗୋଷ୍ଠୀ ସହାୟକ ( ଆନିମେଟର ) ଏବଂ ସହ ଭାଗୀ ସ୍ୱେଚ୍ଛାସେବୀ ସଂସ୍ଥା ( ପି ଏନ ଜି ଓ )ର ସଦସ୍ୟ ମାନେ ଋଣ ଗ୍ରହଣକାରୀ ପକ୍ଷ ମାନଙ୍କୁ ଏ କ୍ଷେତ୍ରରେ ସହାୟତା କରିବେ ।

୭.୧: ଋଣର ପରିମାଣ

ଗୋଟିଏ ଋଣ ଚକ୍ରରେ ( Loan Cycle) ଋଣ ଗ୍ରହଣକାରୀ ପକ୍ଷ ( ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ – SHG) ଏବଂ ସମ ଆଗ୍ରହୀ ଗୋଷ୍ଠୀ – CIG ସଦସ୍ୟମାନେ ଅନ୍ତର୍ଭୁକ୍ତ ), ସେମାନେ ସର୍ବାଧିକ ୫୦,୦୦୦ ( ପଚାଶ ହଜାର ) ଟଙ୍କା ଋଣ ପାଇପାରିବେ । ଋଣ ଗ୍ରହଣକାରୀ ପକ୍ଷ, ନିଜସ୍ୱ ଅବଦାନ , ନଗଦ କିମ୍ବା ଅନ୍ୟ ପ୍ରକାର ଯଥା ଶ୍ରମ ଆକାରରେ ପ୍ରଦାନ କରୁଥିବା ଶତକଡା ୨୦ ଭାଗ ଅର୍ଥ ଅବଦାନ ବହିର୍ଭୁକ୍ତ ।

ଅତି ଗରିବ ଶ୍ରେଣୀର ଋଣ ଗ୍ରହଣକାରୀଙ୍କର କ୍ଷେତ୍ରରେ ଋଣର ପରିମାଣ ୫,୦୦୦ ଟଙ୍କାରୁ ୨୦,୦୦୦ ଟଙ୍କା ( ପାଞ୍ଚ ହଜାରରୁ କୋଡିଏ ହଜାରେ ଟଙ୍କା ) ପର୍ଯ୍ୟନ୍ତ ହୋଇପାରିବ । ଅତି ଗରିବ ଶ୍ରେଣୀର ଋଣ ଗ୍ରହଣକାରୀ ପକ୍ଷଙ୍କ ପାଇଁ ନିଜସ୍ୱ ଅବଦାନ ଭାବେ ଦେବାକୁ ଥିବା ୨୦ % ଅର୍ଥକୁ କମିଟି ଦ୍ୱାରା ଛାଡ କରାଯାଇପାରେ ।

୭.୨ : ସୁଧର ପରିମାଣ

ପ୍ରତି ଋଣ ମଞ୍ଜୁରୀରେ ବାର୍ଷିକ ୬% ସରଳ ସୁଧ ହାରରେ ( simple interest) ସୁଧ ଲାଗୁ କରାଯିବ, ଯାହା ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ଦ୍ୱାରା ଲାଗୁ କରାଯାଉଥିବା ସୁଧଠାରୁ କମ । କ୍ଷୁଦ୍ର ଆୟ ଭିତ୍ତିକ କାର୍ଯ୍ୟ ହାତକୁ ନେଇ ଆବର୍ତ୍ତନ ପାଣ୍ଠିରୁ ଋଣ ଉପଲବ୍ଧ କରିବାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ।

ଋଣ ଫେରସ୍ତ ପାଇଁ କରିଥିବା ଚୁକ୍ତି ଅନୁଯାୟୀ ନିର୍ଦ୍ଧାରିତ କିସ୍ତି ଅନୁସାରେ ଫେରା ନ ହେଲେ, ସେଥିରୁ ପ୍ରତି ଖିଲାପ ପାଇଁ ମୋଟ ଋଣ ରାଶିର ୧% ଜୋରିମାନା ସୁଧ ଭାବରେ ଋଣ ଗ୍ରହଣକାରୀ ପକ୍ଷ ଦ୍ୱାରା ଭିଏସଏସକୁ ପ୍ରଦାନ କରାଯିବ । ଋଣ ଅବଧି କିମ୍ବା ଋଣ ଫେରସ୍ତ ସମୟ ଶେଷ ହେବା ପୂର୍ବରୁ ଯଦି ଋଣ ଫେରସ୍ତ କରି ଦିଆଯାଏ , ତେବେ ତାହା ଉପରେ କୌଣସି ଜୋରିମାନା ଲାଗୁହେବ ନାହିଁ । କୌଣସି ପ୍ରାକୃତିକ ବିପର୍ଯ୍ୟୟ କାରଣ ଯୋଗୁଁ ଯଦି ଋଣ ପରିଶୋଧରେ ବିଳମ୍ବ ହୁଏ ତେବେ ଜୋରିମାନା ସୁଧ ଲାଗୁ ହେବ ନାହିଁ । ଋଣ ମୂଲ୍ୟାଙ୍କନ କମିଟି ଋଣ ଉପରେ ଜୋରିମାନା ଲାଗୁ କରିବା କିମ୍ବା ଋଣ ଛାଡ କରିବାର କାରଣ ଗୁଡିକ ଲିଖିତ ଭାବରେ ଭିଏସଏସର କାର୍ଯ୍ୟ କାରି କମିଟିକୁ ସୂଚୀତ କରିବେ । ଏକ ସମୁଚିତ ନିଷ୍ପତ୍ତି ନିଆଯିବାପରେ ପରବର୍ତ୍ତୀ କାର୍ଯ୍ୟକାରୀ କମିଟି ବୈଠକର ସଙ୍କଳ୍ପରେ ସେହି କଥା ଲିପିବଦ୍ଧ ହେବ ।

୭.୩ : ଋଣ ପରିଶୋଧ ସୂଚୀ

ଋଣ ପରିଶୋଧର ଅବଧି ୬ ରୁ ୧୨ ମାସ ରହିବ । ଏହି ସମୟ ମଧ୍ୟରେ ଋଣ ଗ୍ରହଣକାରୀ ପକ୍ଷ ସମୂଳସୁଧ ପରିଶୋଧ କରିବେ । ଋଣ ଦରଖାସ୍ତ ଏବଂ ବ୍ୟବସାୟ ଯୋଜନା ସହ ନିଶ୍ଚିତ ରୂପେ ଏକ ଋଣ ଫେରସ୍ତ କାର୍ଯ୍ୟ ସୂଚୀ ସଂଲଗ୍ନ ହେବା ଆବଶ୍ୟକ ଯେଉଁଥିରେ ନିଜସ୍ୱ ଅବଦାନରୁ ବିନିଯୋଗ ମଧ୍ୟ ଉଲ୍ଲେଖ ରହିବା ଋଣ ପରିଶୋଧ ସୂଚୀଟି ଉଭୟ ଋଣ ଗ୍ରହଣକାରୀ ପକ୍ଷ ଏବଂ ଋଣ ମୂଲ୍ୟାଙ୍କନ କମିଟି ମଧ୍ୟରେ ସହମତି ଭିତ୍ତିରେ ଗ୍ରହଣୀଯ ହେବ ବିଧେୟ । ଋଣ ପରିଶୋଧର ପ୍ରମୁଖ ଦାୟିତ୍ୱ ଭିଏସଏସ ଉପରେ ନ୍ୟସ୍ତ ରହିବ ।

୭.୪ : ଋଣ ପ୍ରଦାନ ସୂଚୀ

ଋଣ ମଞ୍ଜୁରୀ ଅନୁମୋଦନ ପତ୍ର ସହିତ ଏକ ଋଣ ପ୍ରଦାନ ସୂଚୀ ସଂଲଗ୍ନ କରାଯିବ । ଆବଶ୍ୟକ ହେଉଥିବା ଋଣର ୮0% ଆବର୍ତ୍ତନ ପାଣ୍ଠିରୁ ଏବଂ ଅବଶିଷ୍ଟ ୨୦% ନିଜସ୍ୱ ଅବଦାନରୁ ଉପଲବ୍ଧ ହେବ । ନିଜସ୍ୱ ଅବଦାନ ନଗଦ ଅର୍ଥ କିମ୍ବା ଶ୍ରମ ଦାନ ବା ଉଭୟ ଆକାରରେ ରହିବ ।

ମଞ୍ଜୁର ହୋଇଥିବା ଯୋଜନା ର ବ୍ୟବସାୟିକ ଓ ଆର୍ଥିକ କାରବାର ଏବଂ ଅଗ୍ରଗତିକୁ ଦୃଷ୍ଟିରେ ରଖି ଋଣ ଅର୍ଥ ୨ ରୁ ୬ଟି କିସ୍ତିରେ ବିତରଣ କରାଯିବ । ଋଣ ଗ୍ରହଣକାରୀ ପକ୍ଷ ଙ୍କର ନିଜସ୍ୱ ଅବଦାନ ( ୨୦% ) ବିନିଯୋଗର ପ୍ରମାଣ , ଋଣ ମୂଲ୍ୟାଙ୍କନ କମିଟିକୁ ଶେଷ କିସ୍ତି ଋଣ ଦେବା ପୂର୍ବରୁ ପ୍ରଦାନ କରିବେ । ନିଜସ୍ ଅବଦାନର ୨0% ଋଣ ଗ୍ରହଣକାରୀ ପକ୍ଷଙ୍କ ଦ୍ୱାରା ନଗଦ ଅର୍ଥ କିମ୍ବା ସାମଗ୍ରୀ ଆକାରରେ କିମ୍ବା ଉଭୟ ଆକାରରେ ପ୍ରଦାନ କରାଯିବ, ଯେଉଁଥିରେ ଶ୍ରମ ଦାନ ଅନ୍ତର୍ଭୁକ୍ତ ହୋଇପାରେ । ଋଣ ପାଇଁ ଆବେଦନର ଆଲୋଚନା ସମୟରେ ଅତି ଗରିବ ଲୋକମାନଙ୍କୁ କାର୍ଯ୍ୟ କାରୀ କମିଟି ଦ୍ୱାରା ନିଜସ୍ୱ ଅବଦାନ ୨୦% ଛାଡ କରାଯାଇପାରେ । ପ୍ରସ୍ତାବିତ ଋଣ ବିତରଣ କାର୍ଯ୍ୟ ସୂଚୀର ସମ୍ପୂର୍ଣ୍ଣ ବିବରଣୀ ଋଣ ଅନୁମୋଦନ ନିର୍ଦ୍ଦେଶ ନାମାରେ ଉଲ୍ଲେଖ ରହିବ ।

## ୮.୦: ଋଣ ଅନୁମୋଦନ ଏବଂ ବ୍ୟବସାୟ ଯୋଜନା ଅନୁମୋଦନ ପାଇଁ ପ୍ରକ୍ରିୟା

ଋଣ ମୂଲ୍ୟାଙ୍କନ କମିଟି ବ୍ୟବସାୟ ଯୋଜନା ସହିତ ଆବେଦନର ସତ୍ୟତା ଯାଞ୍ଚ କରିବା ଏବଂ ପ୍ରସ୍ତାବର ଉପଦେୟତା ଆଧାରରେ କାର୍ଯ୍ୟ କାରୀ କମିଟିକୁ ଋଣ ମଞ୍ଜୁର କରିବା ପାଇଁ ପ୍ରସ୍ତାବ ଦେବ । କମିଟି ପିଏନଜିଓ ଜୀବିକା ସମନ୍ବୟକାରୀଙ୍କଠାରୁ ଋଣ ଅନୁମୋଦନ ସମୟରେ ବୈଷୟିକ ସହାୟତା ପାଇଁ ସାହାଯ୍ୟ ନେଇପାରିବେ । କମିଟି ଯାଞ୍ଚ କରିବା ପାଇଁ ସର୍ବାଧିକ ୩ ଦିନ ସମୟ ନେବ ଏବଂ ଭିଏସଏସର କାର୍ଯ୍ୟ କାରୀ କମିଟି ( ଇ ସି )କୁ ଋଣ ଦରଖାସ୍ତ ସୁପାରିସ କରିବ । ଋଣ ମଞ୍ଜୁର ପାଇଁ ସୁପାରିସ କରିବା ପୂର୍ବରୁ ଋଣ ମୂଲ୍ୟାଙ୍କନ କମିଟି ନିଶ୍ଚିତ ରୂପେ ଋଣ ଗ୍ରହଣ କାରୀ ପକ୍ଷଙ୍କର ବିଶ୍ୱାସନୀୟତା, ଆର୍ଥିକ ସମ୍ବଳ, ଋଣ ପରିଶୋଧ କ୍ଷମତା ଇତ୍ୟାଦିର ପୂର୍ବ ରେକର୍ଡ ଯାଞ୍ଚ କରିବେ ।

ପ୍ରସ୍ତାବଟି ମଞ୍ଜୁରୀ ପାଇଁ ଭିଏସଏସର କାର୍ଯ୍ୟ କାରୀ କମିଟି (ଇ ସି) ନିକଟରେ ତତକ୍ଷଣାତ ପହଞ୍ଚାଇବା, ଭିଏସଏସର ସଭାପତି ଏବଂ ଗୋଷ୍ଠୀ ସହାୟକ (ଆନିମେଟର) ମାନଙ୍କର ଦାୟିତ୍ୱ ଅଟେ । ପ୍ରସ୍ତାବର ଆପତ୍ତି କିମ୍ବା ପ୍ରତ୍ୟାଖାନ ଲିଖିତ ଭାବେ କାରଣ ସହିତ ଆବେଦକଙ୍କୁ ସୂଚୀତ କରାଯିବ ।

ଯେ କୌଣସି ବିବାଦୀୟ ମାମଲାକୁ ବନାଞ୍ଚଳ ଅଧିକାରୀଙ୍କ ନିକଟକୁ ୭ ଦିନ ଭିତରେ ସମାଧାନ ପାଇଁ ପଠାଯିବ ଏବଂ ବନାଞ୍ଚଳ ଅଧିକାରୀଙ୍କ ନିଷ୍ପତ୍ତି ଶେଷ ନିଷ୍ପତ୍ତି ହେବ । ଋଣ ଗ୍ରହଣ କାରୀ ପକ୍ଷଙ୍କ ଚୟନ ଏବଂ ଋଣ ମଞ୍ଜୁରୀ କ୍ଷେତ୍ରରେ ଭିଏସଏସ ଦ୍ୱାରା ସ୍ୱଚ୍ଛତା ବଜାୟ ରଖାଯିବା ଆବଶ୍ୟକ । ମୂଲ୍ୟାଙ୍କନ କମିଟି ଏବଂ କାର୍ଯ୍ୟ ନିର୍ବାହୀ କମିଟିର ସମସ୍ତ ବିବରଣୀ ଏକ ଉପଯୁକ୍ତ ରେଜିଷ୍ଟରରେ ସଂକଳ୍ପ ( resolution) ଭାବେ ଉଲ୍ଲେଖ କରାଯିବ ।

## ୯.୦ : ହିସାବ ପଦ୍ଧତି ଏବଂ ବିବରଣୀ ଲିଖନ ପ୍ରକ୍ରିୟା

ବିଭିନ୍ନ ସ୍ତରରେ ଆର୍ଥିକ ପରିଚାଳନା ପାଇଁ ହିସାବ କିତାବକୁ ଲିପିବଦ୍ଧ କରି ରଖିବା କାର୍ଯ୍ୟ ନିର୍ଦ୍ଧାରିତ ଢାଞ୍ଚା ( ଫର୍ମାଟ )ରେ ହେବ ।

ବନ ସୁରକ୍ଷା ସମିତି(ଭିଏସଏସ) ସ୍ତରରେ କୋଷାଧକ୍ଷ ( ଟ୍ରେଜେରର ), ଗୋଷ୍ଠୀ ସହାୟକ (ଆନିମେଟର) ଏବଂ ସହଭାଗୀ ବେସରକାରୀ ସଂସ୍ଥା ( ପି ଏନ ଜି ଓ )ର ଉନ୍ନୟନ ସଦସ୍ୟଙ୍କ ସହାୟତାରେ ଆର୍ଥିକ ରେକର୍ଡକୁ ଲିପିବଦ୍ଧ କରିବେ । ବନାଞ୍ଚଳ ସ୍ତରରେ ଡାଟା ଏଣ୍ଟ୍ରି ଅପରେଟର ( ଡ଼ିଇଓ), ବନାଞ୍ଚଳ ସଂଯୋଜକ ଙ୍କ ସହାୟତାରେ ଏବଂ ବନଖଣ୍ଡ ସ୍ତରରେ ଡାଟା ଏଣ୍ଟ୍ରି ଅପରେଟର ( ଡ଼ିଇଓ), ପ୍ରକଳ୍ପ ଆକାଉଣ୍ଟାନ୍ଟ (Project Accountant) ମାନଙ୍କ ସହାୟତାରେ ସବୁ ପ୍ରକାର ରେକର୍ଡ ପ୍ରସ୍ତୁତ କରି ଦାୟିତ୍ୱରେ ରଖିବେ ଏବଂ ଏମ ଆଇଏସ (MIS) ପୋର୍ଟାଲରେ ଆବଶ୍ୟକ ତଥ୍ୟ ପୋଷ୍ଟ କରାଯିବ ।

ବନଖଣ୍ଡ ଏବଂ ବନାଞ୍ଚଳ ସ୍ତରରେ  ସମନ୍ୱୟ ତଥା ଋଣ ପ୍ରଦାନ କମିଟି ( ଏହାର ମାର୍ଗ ଦର୍ଶିକା ଏସ ପି ଏମ ୟୁ ଦ୍ୱାରା ପରେ ପଠାଯିବ ) ଆବର୍ତ୍ତନ ପାଣ୍ଠିର ଋଣ ପାଇଁ ତଦାରଖ କମିଟି ଭାବେ କାର୍ଯ୍ୟ କରିବେ ।

ମାସିକିଆ ପ୍ରଗତି ବିବରଣୀ – ଏମ ପି ଆର (MPR) ଭିଏସ ଏସ ଏବଂ ବନାଞ୍ଚଳ ପକ୍ଷରୁ  ପ୍ରଦତ୍ତ  ସୂଚନା ଆଧାରରେ ବନଖଣ୍ଡ ପ୍ରସ୍ତୁତ କରିବ ।  ଏହି ସୂଚନା  ବନାଞ୍ଚଳ ଓ ବନଖଣ୍ଡ  କାର୍ଯ୍ୟର ଅଗ୍ରଗତିକୁ ଜାଣିବା ଉଦେଶ୍ୟରେ ଏସ ପି ଏମ ୟୁ(SPMU)କୁ ପଠାଯିବ ।

ଏସ ପି ଏମ ୟୁ(SPMU) ସ୍ତରରେ ପ୍ରକଳ୍ପ ହିସାବ ରକ୍ଷକ ( ଏକାଉନ୍ଟେନ୍ଟ) ଦଳ OMBADC Cell ସହାୟତାରେ ଆର୍ଥିକ ରେକର୍ଡ ଯାଞ୍ଚ କରିବେ ଏବଂ ବନଖଣ୍ଡ ଠାରୁ ଗ୍ରହଣ କରିଥିବା ମାସିକ ପ୍ରଗତି ରିପୋର୍ଟର ସଂକଳନ କରିବେ । ସେମାନେ କ୍ଲଷ୍ଟର  / ସମୂହ ଏବଂ ଭିଏସ ଏସ ସ୍ତରରେ ଆଭ୍ୟନ୍ତରୀଣ ଯାଞ୍ଚ  ( ଅଡିଟ ) ମଧ୍ୟ କରିବେ । ଭିଏସ ଏସ ଦ୍ୱାରା ଋଣ ଗ୍ରହଣକାରୀ ପକ୍ଷଙ୍କୁ  ଏବଂ ପରେ ହିତାଧିକାରୀଙ୍କ ପାଖକୁ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ  ସିଧା ସଳଖ ଡିଜିଟାଲ ଟ୍ରାନ୍ସଫର ମାଧ୍ୟମରେ ପଠାଯିବ । ସୁଧ ସହିତ ଋଣର ପ୍ରବାହ ମଧ୍ୟ ଡିଜିଟାଲ / ଇଲେକ୍ଟ୍ରୋନିକ  ( Digital and Electronic Transfer) ମାଧ୍ୟମ  ଦ୍ୱାରା ବ୍ୟାଙ୍କକୁ ହସ୍ତାନ୍ତରୀକରଣ ମାଧ୍ୟମରେ କରାଯିବ ।

ଆବର୍ତ୍ତନ  ପାଣ୍ଠି ( ଆର ଏଫ ) ରେକର୍ଡ ରଖିବା ଏବଂ ହିସାବ ପ୍ରକ୍ରିୟାର ମୌଳିକ ଦିଗ ସମ୍ପର୍କରେ ନିମ୍ନରେ ଉଲ୍ଲେଖ କରାଗଲା ।

- ଯେଉଁ ବ୍ୟାଙ୍କରେ  ଭି ଏସ ଏସ  ଏକାଉନ୍ଟ  ରହିଥିବ ସେହି ବ୍ୟାଙ୍କରେ ବନ ସୁରକ୍ଷା ସମିତି ( ଭି ଏସ ଏସ ) ର ଏକ ସ୍ୱତନ୍ତ୍ର ଆବର୍ତ୍ତନ ପାଣ୍ଠି ( ଆର ଏଫ ) ଏକାଉନ୍ଟ ରହିବ ।
- ଆବର୍ତ୍ତନ ପାଣ୍ଠି ( ଆର ଏଫ ) ଏକାଉନ୍ଟ ଭିଏସଏସର  ଅଧ୍ୟକ୍ଷ  ଏବଂ ମେମ୍ବର ସେକ୍ରେଟାରୀଙ୍କ ଦ୍ୱାରା ଯୁଗ୍ମ ଭାବେ ପରିଚାଳିତ ହେବ ।
- ଭି ଏସ ଏସ  ସ୍ତରରେ ଋଣ ମୂଲ୍ୟାଙ୍କନ କମିଟି ଦ୍ୱାରା ଏକ ଅଲଗା ହିସାବ ଖାତା ( Cash Book) ଏବଂ ଋଣ ଖାତା (Loan Ledger) ମେଣ୍ଟେନ କରାଯିବ / ଲେଖାଯିବ ।
- ଆବର୍ତ୍ତନ ପାଣ୍ଠି ( ଆର ଏଫ )ରୁ ପ୍ରଦାନ ଏବଂ ଫେରସ୍ତ କ୍ରମାନ୍ୱୟ ଭାବେ ଡିଜିଟାଲ / ଇଲେକ୍ଟ୍ରୋନିକ ମାଧ୍ୟମରେ ହେବ ।
- ଆବର୍ତ୍ତନ ପାଣ୍ଠି ( ଆର ଏଫ )ର ପ୍ରାପ୍ତି ଏବଂ ବିନିଯୋଗର ତ୍ରୈମାସିକ ଏବଂ ବାର୍ଷିକ ଯାଞ୍ଚ SPMU ଦ୍ୱାରା କରାଯିବ ।

- ନିର୍ଦ୍ଧାରିତ ଫୋର୍ମାଟରେ ମାସିକ ପ୍ରଗତି ବିବରଣୀ (MPR) ଭି ଏସ ଏସ , ବନାଞ୍ଚଳ ଏବଂ ବନଖଣ୍ଡ ରେ ରଖାଯିବ ଏବଂ ସଂକଳିତ ରିପୋର୍ଟ ଏସପିଏମୟୁ କୁ ପରବର୍ତ୍ତୀ ଯାଞ୍ଚ ପାଇଁ ପରବର୍ତ୍ତୀ ମାସର ୧୦ ତାରିଖ ଦିନ ପଠାଯିବ ।

**୧୦.୦ : ଆବର୍ତ୍ତନ ପାଣ୍ଠି ( ଆର ଏଫ ) ପରିଚାଳନାର ସାଧାରଣ ସର୍ତ୍ତ ସମୂହ**

- ଆବର୍ତ୍ତନ ପାଣ୍ଠି ( ଆର ଏଫ ) ଭି ଏସ ଏସ ପାଇଁ ଏକ ଅନୁଦାନ । ଏହା ଭି ଏସ ଏସ ଦ୍ୱାରା ଋଣ ଗ୍ରହଣ କାରୀ ପକ୍ଷ ଙ୍କୁ ରୋଜଗାର ବୃଦ୍ଧି ପାଇଁ ଋଣ ଦେବା ନିମନ୍ତେ ବ୍ୟବହୃତ ହେବ । ପ୍ରସ୍ତାବିତ ବ୍ୟବସାୟ ଯୋଜନା ର ମୂଳ ପୁଞ୍ଜି ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଗ୍ରହଣ କାରୀ ପକ୍ଷଙ୍କ ନିଜସ୍ୱ ଅବଦାନରୁ ବିନିଯୋଗ ହେବ ।
- ଋଣ ଗ୍ରହଣ କାରୀଙ୍କ ପକ୍ଷଙ୍କ ଆବଶ୍ୟକତା ଏବଂ ପ୍ରସ୍ତାବିତ ବ୍ୟବସାୟ ଯୋଜନା ର ନିବେଶ ଆଦି ତଥ୍ୟ ଉପରେ ବିଚାର କରି ଋଣର ପରିମାଣ ସ୍ଥିର କରାଯିବ ।
- ଆର୍ଥିକ ପରିଚାଳନା ପ୍ରମୁଖ ଆବଶ୍ୟକୀୟ ଦକ୍ଷତା ଅଟେ । ଭି ଏସ ଏସ , ବନାଞ୍ଚଳ ଏବଂ ବନଖଣ୍ଡ/ କ୍ଲଷ୍ଟର ସ୍ତରରେ ପାଣ୍ଠିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିବା ନିମନ୍ତେ ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।
- ଋଣ ଗ୍ରହଣ କାରୀ ପକ୍ଷ ପରିଶୋଧ ଖିଲାପି ହେଲେ ନିୟମିତ ଭାବରେ ପରାମର୍ଶ , ଯୋଗାଯୋଗ , ସମବର୍ଗୀଙ୍କ ଦ୍ୱାରା ଚାପ ମାଧ୍ୟମରେ ଭି ଏସ ଏସ ଋଣ ଆଦାୟ ନିମିତ୍ତ ପଦକ୍ଷେପ ନେବ । ଏଥିରେ ଖିଲାପ ହେଲେ ଭିଏସଏସ କୁ ଦୁର୍ବଳ / ଅପାରଗ ମାନ୍ୟତା ମିଳିବ ଏବଂ ବଳକା ଆବର୍ତ୍ତନ ପାଣ୍ଠି ଏବଂ ଅନ୍ୟାନ୍ୟ ସୁବିଧାକୁ ଅଟକାଇ ରଖି ଦିଆଯିବ । ପ୍ରକଳ୍ପ ଭିଏସଏସଠାରୁ ଆବର୍ତ୍ତନ ପାଣ୍ଠିକୁ ମଧ୍ୟ ଫେରେଇ ନେଇ ଯାଇପାରେ ।
- ଆବର୍ତ୍ତନ ପାଣ୍ଠିର ଏବଂ ଭିଏସଏସର ଖାତା, ବହି ଏବଂ ଅନ୍ୟାନ୍ୟ ରେକର୍ଡ ପତ୍ର ବର୍ଷକୁ ଥରେ ଯାଞ୍ଚ ହେବ ଏବଂ ଯାଞ୍ଚ ରିପୋର୍ଟ ଭିଏସଏସର ସାଧାରଣ ପରିଷଦ ( ଜେନେରାଲ ବଡି) ନିକଟରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ, ଏବଂ ଏହାର ବିବରଣୀ ବନାଞ୍ଚଳ ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କ ଅବଗତି ନିମିତ୍ତ ପ୍ରଦାନ କରାଯିବ ।
- ଋଣ ଗ୍ରହଣ କାରୀ ପକ୍ଷଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିବା ଅନୁମୋଦିତ ବ୍ୟବସାୟ ଯୋଜନାର ଏକାଉଣ୍ଟ ବହି ଏବଂ ଅନ୍ୟାନ୍ୟ ରେକର୍ଡ ବନଖଣ୍ଡ / ଏସ ପି ଏମ ୟୁ(SPMU) ଦ୍ୱାରା ସ୍ଥିରୀକୃତ ସମୟାନୁସାରେ ପର୍ଯ୍ୟାୟକ୍ରମେ ଯାଞ୍ଚ ହେବ ଏବଂ ସେ ସମ୍ପର୍କିତ ଅନୁପାଳନର ସୂଚନା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ।
- ପ୍ରତ୍ୟେକ ସ୍ତରରେ ଅର୍ଥାତ ଭିଏସଏସ, ବନାଞ୍ଚଳ ସ୍ତରରେ ପ୍ରତ୍ୟେକ ଦେୟ ପାଇଁ ରସିଦ ରଖାଯିବା

- ଆବର୍ତ୍ତନ ପାଣ୍ଠିର ପରିମାଣ ବୃଦ୍ଧି ପାଇଁ  ଆବେଦନ ପ୍ରକ୍ରିୟା କରଣ ଦେୟ ଏବଂ ଜୋରିମାନା ସୁଧ ସଂଗ୍ରହ ପାଇଁ ପଦକ୍ଷେପ ନିଆଯିବ। ସହିତ  ବିଭିନ୍ନ ସ୍ତରରେ ରେକର୍ଡର ଉପଯୁକ୍ତ  ରକ୍ଷଣାବେକ୍ଷଣ ତଥା ମାସିକ ରିପୋର୍ଟ ଅନୁଧ୍ୟାନ କରି ଅବହେଳା ସୁଧାରିବା ପାଇଁ ଆନ୍ତରିକ ପ୍ରଚେଷ୍ଟା କରାଯିବ ।
- ଯଦି କୌଣସି ବ୍ୟାଙ୍କରୁ  ଋଣ ଗ୍ରହଣ କାରୀ ପକ୍ଷଙ୍କୁ ବ୍ୟବସାୟ ପାଇଁ ଋଣ ଉପଲବ୍ଧ ହେବାର ସୁବିଧା ମିଳି ଯାଏ , ତେବେ ଆବର୍ତ୍ତନ ପାଣ୍ଠିରୁ ଋଣ କରିବା ବଦଳରେ ବ୍ୟାଙ୍କଠାରୁ ଋଣ ଗ୍ରହଣ ପାଇଁ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ।
- ଭିଏସଏସର କାର୍ଯ୍ୟ ନିର୍ବାହୀ କମିଟି ନିର୍ଦ୍ଧାରିତ ଫର୍ମାଟ ରେ ଋଣ ଗ୍ରହଣ, ମଞ୍ଜୁରୀ ଏବଂ ଋଣ ପ୍ରଦାନର ରେକର୍ଡ ରଖିବେ  ।
- ଋଣ ପାଇଁ ସମସ୍ତ  ଯୋଗ୍ୟ  ଆବେଦନଗୁଡିକୁ ଋଣ ପ୍ରଦାନ ପରେ, ଯଦି ଭିଏସଏସର କାର୍ଯ୍ୟ କାରୀ କମିଟି ଏହା ଲକ୍ଷ୍ୟ କରନ୍ତି  ଯେ ବଳକା ପାଣ୍ଠି ରହିଛି, ତେବେ ସେହି ବଳକା ପାଣ୍ଠିକୁ ସେହି ବ୍ୟାଙ୍କରେ ମିଆଦୀ ଜମା / ଫେକସି ଫଣ୍ଡ  ଆକାରରେ ଜମା ରଖି ଦେବେ । ଏହି ମିଆଦୀ ଜମାକୁ ଯେତେବେଳେ ଋଣ ମୂଲ୍ୟାଙ୍କନ କମିଟି କୌଣସି ଯୋଗ୍ୟ ଋଣ ଆବେଦନ ଗ୍ରହଣ କରିବେ , ସେତେବେଳେ ଏହି ଅର୍ଥ ଉଠାଣ କରିପାରିବେ ।
- ପରିଚାଳନା ମାର୍ଗଦର୍ଶିକାକୁ ପାଳନ କରା ନ ଗଲେ ବନଖଣ୍ଡ / ବନାଞ୍ଚଳ ଅଧିକାରୀ, ଭିଏସଏସର ଆବର୍ତ୍ତନ ପାଣ୍ଠିକୁ ବନ୍ଦ କରିପାରିବେ କିମ୍ବା ଫେରସ୍ତ ନେଇ ଯାଇ ପାରିବେ ଏବଂ ପାଣ୍ଠିର ପୁନରୁଦ୍ଧାର ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବେ ।
- ଓଡିଶା ଆଜୀବିକା ମିଶନ ଏବଂ ମିଶନ ଶକ୍ତିର ପ୍ରଶାସନିକ ଢାଞ୍ଚାର  ସେବା ସହାୟତା ପ୍ରକଳ୍ପ କର୍ମଚାରୀଙ୍କ ପାଇଁ ଉପଲବ୍ଧ ହେବ । ସେହିଭଳି  ଦୁଇଟି ଯାକ ସଂସ୍ଥାର ବ୍ୟକ୍ତି ମାନଙ୍କର ସେବା ମଧ୍ୟ ପ୍ରକଳ୍ପ କର୍ମଚାରୀଙ୍କ ଦ୍ୱାରା ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି କ୍ଷେତ୍ରରେ ଉପାଦେୟ  ହେବ ।

## ୧୧. ବିଭିନ୍ନ ଭାଗିଦାରଙ୍କ ଭୂମିକା ଓ ଦାୟିତ୍ୱ

ବିଭିନ୍ନ ଭାଗିଦାରଙ୍କ ଭୂମିକା ଯଥା ଋଣ ଗ୍ରହଣ କାରୀ ପକ୍ଷ/ ଭିଏସଏସ/ ବନାଞ୍ଚଳ/ ବନଖଣ୍ଡର ଭୂମିକା ଓ ଦାୟିତ୍ୱ ସମୂହ  ତଥା ବିଭିନ୍ନ ଭାଗିଦାରଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ନିମ୍ନରେ ସବିସ୍ତୃତ ଉଲ୍ଲେଖ କରାଯାଇଛି ।

### କ)  ଋଣ ଗ୍ରହଣ କାରୀ ପକ୍ଷ

୧. ବନ ସୁରକ୍ଷା ସମିତି (ଭିଏସଏସ)ର ଜଣେ ଦାୟିତ୍ୱବାନ ସଦସ୍ୟ ହୋଇଥିବେ ଏବଂ ଭିଏସଏସ ସହିତ ଭଲ ସମ୍ପର୍କ ରଖିଥିବେ ।

୨. ଆବର୍ତ୍ତନ ପାଣ୍ଠି (ଆର ଏଫ )ରୁ ଋଣ ପାଇଁ ଆବେଦନ କରିବା ପୂର୍ବରୁ ଭିଏସଏସର ଋଣ ମୂଲ୍ୟାଙ୍କନ କମିଟି ସହିତ ଆୟ ଭିତ୍ତିକ କାର୍ଯ୍ୟ ( ଆଇଜି ଏ ) ଏବଂ ଋଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବେ ଏବଂ ଚୟନ କରିବାର ନିଷ୍ପତ୍ତି ନେବେ ।

୩, ଋଣ ପାଇଁ ଆବେଦନ ଦାଖଲ କରିବା ପୂର୍ବରୁ ବ୍ୟବସାୟ ବିକାଶ ଯୋଜନାକୁ ବିକଶିତ କରିବେ ଏବଂ ସମସ୍ତ ଦିଗରୁ ଏହାକୁ ସମ୍ପୂର୍ଣ କରିବେ ।

୪, ଋଣ ସଠିକ ଭାବେ ଅନୁମୋଦିତ ବ୍ୟବସାୟ ଯୋଜନା ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି ବୋଲି ନିଶ୍ଚିତ କରିବେ ।

୫, ଋଣ ପରିମାଣର ଶେଷ କିସ୍ତି ପ୍ରଦାନ କରାଯିବ ପୂର୍ବରୁ ନିଜସ୍ୱ ଅବଦାନ ( ନଗଦ ଅର୍ଥ ବା ସାମଗ୍ରୀ ବା ଶ୍ରମ ଦାନ ) ବିନିଯୋଗ ସମ୍ପର୍କରେ ସୁନିଶ୍ଚିତ କରିବେ ।

୬, ଅନୁମୋଦିତ ଋଣ ପରିଶୋଧ କାର୍ଯ୍ୟ କ୍ରମ ଅନୁସାରେ ଋଣ ପରିଶୋଧକୁ ସୁନିଶ୍ଚିତ କରିବେ ।

୭, ଋଣ ଚୁକ୍ତିରେ ଉଲ୍ଲେଖ ହୋଇଥିବା ନିୟମ ଏବଂ ସର୍ତ୍ତାବଳୀକୁ ପାଳନ କରିବେ ।

୮, ସମସ୍ତ ଆର୍ଥିକ କାରବାର ଇଲେକ୍ଟ୍ରୋନିକ / ଡିଜିଟାଲ ଉପାୟରେ ହେଉଥିବା ସମ୍ପର୍କରେ ନିଶ୍ଚିତ କରିବେ ।

**ଖ) ଋଣ ମୂଲ୍ୟାଙ୍କନ କମିଟି**

୧. ଋଣ ଆବେଦନ ଏବଂ ବ୍ୟବସାୟ ଯୋଜନା ଆବର୍ତ୍ତନ ପାଣ୍ଠିର ମାର୍ଗଦର୍ଶିକା ଅନୁସାରେ ଯାଞ୍ଚ କରିବା ।

୨. ଋଣ ଆବଣ୍ଟନ ଏବଂ ପରିଶୋଧ କାର୍ଯ୍ୟ ସୂଚୀ ପ୍ରସ୍ତୁତିରେ ଋଣ ଗ୍ରହଣ କାରୀ ପକ୍ଷଙ୍କୁ ସହାୟତା କରିବା ଏବଂ ପରାମର୍ଶ ଦେବା ।

୩, ଋଣ ଅନୁମୋଦନ / ପ୍ରତ୍ୟାଖାନ କାଗଜପତ୍ର ଭିଏସଏସର କାର୍ଯ୍ୟ କାରୀ କମିଟିକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇବା ।

୪, ଋଣ ଆବେଦନ ଏବଂ ବ୍ୟବସାୟ ଯୋଜନା ସମ୍ପର୍କରେ ଯାଞ୍ଚ ହୋଇଥିବା କାଗଜପତ୍ର ଋଣ ଗ୍ରହଣ କାରୀ ପକ୍ଷଙ୍କ ଠାରୁ ଗ୍ରହଣ କରିବାର ୩ ଦିନ ଭିତରେ କାର୍ଯ୍ୟ କାରୀ କମିଟି ନିକଟକୁ ପଠାଯିବା ସମ୍ପର୍କରେ ସୁନିଶ୍ଚିତ କରିବେ ।

### ଗ) ଭିଏସଏସର କାର୍ଯ୍ୟକାରୀ କମିଟି

୧. ଆୟ ଭିତ୍ତିକ କାର୍ଯ୍ୟ ( ଆଇଜିଏ ) ପାଇଁ ଆବର୍ତ୍ତନ ପାଣ୍ଠିର ଉପଲବ୍ଧତା ଏବଂ ଏହାର ମାର୍ଗଦର୍ଶିକା ଗୁଡିକୁ ଭିଏସଏସ ସଦସ୍ୟ ମାନଙ୍କୁ ଅବଗତ କରାଇବା ।

୨. ଆବର୍ତ୍ତନ ପାଣ୍ଠିର ପରିଚାଳନା ମାର୍ଗଦର୍ଶିକା ଅନୁସାରେ ଆବର୍ତ୍ତନ ପାଣ୍ଠିର ଉପଯୁକ୍ତ ଉପଯୋଗ ହେଉଥିବା ସମ୍ପର୍କରେ ସୁନିଶ୍ଚିତ କରିବା ।

୩, ଋଣ ମୂଲ୍ୟାଙ୍କନ କମିଟି ଗଠନ କରିବା ଏବଂ ତାହାକୁ କାର୍ଯ୍ୟ କାରୀ କମିଟି ( ଇସି )ର ଏକ ସଂକଳ୍ପ ପତ୍ରରେ ଉଲ୍ଲେଖ କରିବା ।

୪, ଆବର୍ତ୍ତନ ପାଣ୍ଠିର ପରିଚାଳନା ପାଇଁ ଏକ ଭିନ୍ନ ଆକାଉଣ୍ଟ ଖୋଲିବା ଏବଂ ତାହାକୁ ସଂଚାଳନ କରିବା ।

୫, ଋଣ ପ୍ରଦାନ କରିବା ପୂର୍ବରୁ ଆବେଦନକାରୀଙ୍କ ଋଣ ଖିଲାପି ଇତିହାସ ସମ୍ପର୍କରେ ଯାଞ୍ଚ କରି ଋଣ ମୂଲ୍ୟାଙ୍କନକୁ ବିଚାର କରିବା ।

୬, ଋଣ ମୂଲ୍ୟାଙ୍କନ କମିଟିଙ୍କ ଦ୍ୱାରା ଦରକାର ପଡିଲେ ସାହାଯ୍ୟ ଯୋଗାଇବା ।

୭, ଅନୁମୋଦିତ ଆୟ ଭିତ୍ତିକ ବ୍ୟବସାୟ ଯୋଜନା ପାଇଁ ଋଣ ସଠିକ ଭାବରେ ଉପଯୋଗ ହେବ ନେଇ ସୁନିଶ୍ଚିତ କରିବା ।

୮, ବୈଠକ ବିବରଣୀ ପୁସ୍ତିକାରେ ଋଣର ଅନୁମୋଦନ / ପ୍ରତ୍ୟାଖାନ ସମ୍ପର୍କରେ ଲିପିବଦ୍ଧ କରିବା ।

୯, ଋଣ ଗ୍ରହଣ କାରୀ ପକ୍ଷଙ୍କ ପାଇଁ ଋଣ ଆବେଦନ ସର୍ତ୍ତ, ବ୍ୟବସାୟ ଯୋଜନା, ଋଣ ଚୁକ୍ତି ଫର୍ମ ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ କରି ରଖିବା ।

୧୦, ଆବର୍ତ୍ତନ ପାଣ୍ଠି ପରିଚାଳନା ମାର୍ଗଦର୍ଶୀକା ଅନୁସାରେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଋଣ ମଞ୍ଜୁର କରିବା

୧୧, ଆୟ ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଅନୁମୋଦିତ ହୋଇଥିବା ଋଣ ଏବଂ ନିଜସ୍ୱ ଅବଦାନର ବିନିଯୋଗ ତଦାରଖ କରିବା ।

୧୨, କୌଣସି ଖିଲାପିଙ୍କ ପାଇଁ ଅନୁମୋଦିତ ଋଣ ବଣ୍ଟନ ଏବଂ ପରିଶୋଧକୁ ଯାଞ୍ଚ କରିବା ଏବଂ ଋଣ ପରିଶୋଧକୁ ସୁନିଶ୍ଚିତ କରିବା ।

୧୩, ଆବର୍ତ୍ତନ ପାଣ୍ଠିର ବଳକା ଅର୍ଥକୁ ଯେଉଁ ବ୍ୟାଙ୍କରେ ଆବର୍ତ୍ତନ ପାଣ୍ଠି ( ଆର ଏଫ ) ଆକାଉଣ୍ଟ ଥିବ, ସେହି ବ୍ୟାଙ୍କରେ ମିଆଦୀ ଜମା କିମ୍ବା ଫ୍ଲେକସି ଆକାଉଣ୍ଟରେ ନିବେଶ କରିବା ।

୧୪, ଆବର୍ତ୍ତନ ପାଣ୍ଠି ( ଆରଏଫ )ର ସ୍ଥିତି ଏବଂ ପରିଚାଳନା ଏବଂ ଅନୁମୋଦିତ ଋଣ ଏବଂ ପୁନରୁଦ୍ଧାର ହୋଇଥିବା ଋଣ ବିଷୟରେ ଭିଏସଏସର ସାଧାରଣ ପରିଷଦ ( ଜେନେରାଲ ବଡି)କୁ ଅବଗତ କରିବା ।

୧୫, ଆବର୍ତ୍ତନ ପାଣ୍ଠି ( ଆରଏଫ )ର ସାମଗ୍ରିକ ପରିଚାଳନା, ଉପଯୁକ୍ତ କାଗଜପତ୍ର ପ୍ରସ୍ତୁତି ଏବଂ ନିୟମିତ ଯାଞ୍ଚ ସମ୍ପର୍କରେ ସୁନିଶ୍ଚିତ କରିବା ।

୧୬, ଆବର୍ତ୍ତନ ପାଣ୍ଠି ( ଆରଏଫ )ର ବ୍ୟବହାରକୁ ନେଇ ସବିସ୍ତୃତ ଋଣ ଖିଲାପି ବିବରଣୀ ସହିତ ମାସିକ ପ୍ରଗତି ରିପୋର୍ଟ ( ଏମ ପି ଆର )ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଦାଖଲ କରିବା ।

**ଘ) ପି – ଏନ ଜି ଓ (PNGO) ସଦସ୍ୟ ଏବଂ ଗୋଷ୍ଠୀ ସହାୟକ ( ଆନିମେଟର )**

୧. ବନ ସୁରକ୍ଷା ସମିତି (ଭିଏସଏସ) କାର୍ଯ୍ୟ ନିର୍ବାହୀ କମିଟି ଏବଂ ଋଣ ମୂଲ୍ୟାଙ୍କନ କମିଟିର ସଦସ୍ୟ ମାନଙ୍କୁ ଆବର୍ତ୍ତନ ପାଣ୍ଠିର ପରିଚାଳନା ମାର୍ଗଦର୍ଶିକା ସମ୍ପର୍କରେ  ସଚେତନ କରିବା ।

୨. ଋଣ ଆବେଦନ ପ୍ରସ୍ତୁତି, ବ୍ୟବସାୟ ଯୋଜନା ଏବଂ ଆବର୍ତ୍ତନ ପାଣ୍ଠି ( ଆରଏଫ )ରୁ  ଋଣ ଉପଲବ୍ଧ କରିବାକୁ ଆବଶ୍ୟକ ଅନ୍ୟାନ୍ୟ ନଥିପତ୍ର ପ୍ରସ୍ତୁତିକୁ ସୁଗମ କରିବା ।

୩, ଋଣ ଗ୍ରହଣ କାରୀ ପକ୍ଷମାନଙ୍କୁ ବିଭିନ୍ନ ଆୟ ଭିତ୍ତିକ କାର୍ଯ୍ୟର ସୁଯୋଗ ସମ୍ପର୍କରେ ଅବଗତ କରାଇବା ।

୪, ଋଣ ଗ୍ରହଣ କାରୀ ପକ୍ଷଙ୍କ ଦ୍ୱାରା କରାଯାଇଥିବା ଋଣ ଆବେଦନପତ୍ରକୁ ଯାଞ୍ଚ କରିବା ଏବଂ ଅନୁମୋଦନ କରିବାରେ ଋଣ ମୂଲ୍ୟାଙ୍କନ କମିଟିକୁ ସହାୟତା କରିବା ।

୫, ଆବର୍ତ୍ତନ ପାଣ୍ଠିର ପରିଚାଳନା ସମ୍ପର୍କିତ  ସମସ୍ତ ରେକର୍ଡ / କାଗଜ ପତ୍ର ରଖିବା ପାଇଁ ବନ ସୁରକ୍ଷା ସମିତି (ଭିଏସଏସ)ର କାର୍ଯ୍ୟ କାରୀ କମିଟିର କୋଷାଧକ୍ଷଙ୍କୁ ସହାୟତା କରିବା ।

୬, ବଜାର ସଂଯୋଗ କ୍ଷେତ୍ରରେ  ବ୍ୟବସାୟଙ୍କୁ  ସାମିଲ କରିବା ଏବଂ ଋଣ ଗ୍ରହଣ କାରୀ ଗୋଷ୍ଠୀ ସଦସ୍ୟମାନଙ୍କୁ  ବଜାରୀକରଣରେ ସହାୟତା କରିବା ।

୭, ଆର୍ଥିକ ପରିଚାଳନା  ଏବଂ ନଥିକରଣ ପାଇଁ ବନ ସୁରକ୍ଷା ସମିତି (ଭିଏସଏସ)ର ଋଣ ମୂଲ୍ୟାଙ୍କନ କମିଟି ଏବଂ କାର୍ଯ୍ୟ ନିର୍ବାହୀ କମିଟିକୁ ସହାୟତା କରିବା ।

୮, ବନ ସୁରକ୍ଷା ସମିତି (ଭିଏସଏସ) ଏବଂ ବନାଞ୍ଚଳ  ସ୍ତରରେ ମାସିକ ପ୍ରଗତି ବିବରଣୀ  ( ଏମ ପି ଆର ) ପ୍ରସ୍ତୁତି ପାଇଁ ସହାୟତା କରିବା ।

୯, ଋଣ ମୂଲ୍ୟାଙ୍କନ କମିଟିକୁ  ଋଣ ଅନୁମୋଦନରେ ସହାୟତା  କରିବା ।

୧୦. ଆୟ ଭିତ୍ତିକ କାର୍ଯ୍ୟକ୍ରମ  ( ଆଇଜିଏ ) ପାଇଁ ନିଆଯାଇଥିବା ଋଣ ଏବଂ ଏହାର ବଣ୍ଟନ ଓ ପରିଶୋଧ ସମ୍ପର୍କରେ ନିୟମିତ କାର୍ଯ୍ୟ କରିବା ।

୧୧. ଆବର୍ତ୍ତନ ପାଣ୍ଠିର ନିୟମିତ ଅଡିଟ ପରିଚାଳନା ପାଇଁ ବନାଞ୍ଚଳ ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କୁ ସହାୟତା କରିବା ।

**ଙ) ବନାଞ୍ଚଳ**

୧. ଭିଏସଏସର କାର୍ଯ୍ୟ କାରୀ କମିଟି (ଇସି ) ସଦସ୍ୟ , ଗୋଷ୍ଠୀ ସହାୟକ ( ଆନିମେଟର ), ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ  ମାନଙ୍କର ଆବର୍ତ୍ତନ ପାଣ୍ଠି ପରିଚାଳନାରେ  ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ କରାଇବା ।

୨. ଭିଏସଏସ ଦ୍ୱାରା ଆରଏଫ ର ପରିଚାଳନା ମାର୍ଗଦର୍ଶିକା ଅନୁସାରେ ଆବର୍ତ୍ତନ ପାଣ୍ଠିର ଉପଯୁକ୍ତ ବ୍ୟବହାରକୁ ସୁନିଶ୍ଚିତ କରିବା ।

୩, ଭିଏସଏସ ସ୍ତରରେ ଋଣର ମଞ୍ଜୁରୀ, ବଣ୍ଟନ ଏବଂ ପରିଶୋଧ ସମ୍ପର୍କିତ  ସମୀକ୍ଷା ଏବଂ ନିରୀକ୍ଷଣ କରିବା

୪, ଭିଏସଏସ ସ୍ତରରେ ଆରଏଫ ର ସଂଚାଳନ ଏବଂ ପରିଚାଳନା  ସମେତ ବ୍ୟବସାୟ  ଯୋଜନାର ପ୍ରସ୍ତୁତି ଏବଂ ଋଣ ମଞ୍ଜୁରୀ ଇତ୍ୟାଦିକୁ ସୁଗମ କରାଇବା ।

୫, ଆର୍ଥିକ ପରିଚାଳନାର  ନିୟମିତ ନିରୀକ୍ଷଣ  ଏବଂ ଆରଏଫ ର ଖିଲାପ ସମ୍ପର୍କିତ  ସମସ୍ୟା କ୍ଷେତ୍ରରେ ଭିଏସଏସକୁ  ଆବଶ୍ୟକୀୟ  ସହାୟତା ପ୍ରଦାନ କରିବା ।

୬, ବନାଞ୍ଚଳ  ପାଇଁ ଆରଏଫ ର ପରିଚାଳନା ସମ୍ପର୍କିତ  ପ୍ରକ୍ରିୟା,  ଉପଲବଧି, ସଫଳତାର କାହାଣୀ, ସମସ୍ୟାର ନଥିକରଣ କରିବା ।

୭, ଆୟ ଭିତ୍ତିକ କାର୍ଯ୍ୟକ୍ରମ  ( ଆଇଜିଏ ) ଏବଂ ଆବର୍ତ୍ତନ ପାଣ୍ଠି ପରିଚାଳନାର ଖିଲାପି ଏବଂ ଅସଫଳତା ସମ୍ପର୍କିତ ସମସ୍ୟାର ସମାଧାନ  କରିବା ।

୮, ଭିଏସଏସ ସ୍ତରରେ ଆବଶ୍ୟକ ପାଣ୍ଠିର ଅନୁମୋଦନ ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ କରାଇବା ।

୯, ପାଣ୍ଠିର ସ୍ଥିତି, ଆୟ ଭିତ୍ତିକ କାର୍ଯ୍ୟକ୍ରମ  ( ଆଇଜିଏ ) ଲାଭ ଇତ୍ୟାଦିର  ମାସିକ ପ୍ରଗତି ବିବରଣୀ  ( ଏମ ପି ଆର ) ପ୍ରସ୍ତୁତ କରିବା ଏବଂ ବନଖଣ୍ଡ ଅଧିକାରୀଙ୍କ  ନିକଟରେ ଦାଖଲ କରିବା ।

୧୦. ପ୍ରକଳ୍ପର ଆଇ ଏମ ଏସ ପୋର୍ଟାଲ ରେ  ବନାଞ୍ଚଳ ସମ୍ପର୍କିତ ଆବଶ୍ୟକ ପାଣ୍ଠିର ସୂଚନା  ପ୍ରତି ମାସରେ ଅପଲୋଡ କରିବା ।

**ଚ) ବନଖଣ୍ଡ**

୧. ସହଭାଗୀ ବେସରକାରୀ ସଂସ୍ଥା  ( ପିଏନଜିଓ ଟିମ ) ଆଜୀବିକା  ସମନ୍ୱୟକାରୀ, ଅନ୍ୟାନ୍ୟ ପ୍ରକଳ୍ପ କର୍ମକର୍ତ୍ତା ଏବଂ ବନାଞ୍ଚଳ ଅଧିକାରୀଙ୍କ ଆବର୍ତ୍ତନ ପାଣ୍ଠି ପରିଚାଳନା ନିମନ୍ତେ ସାମର୍ଥ୍ୟ ବୃଦ୍ଧି କରିବା ।

୨. ବନାଞ୍ଚଳ ଭିତ୍ତିକ  ଋଣ ମଞ୍ଜୁରୀର ବଣ୍ଟନ ଏବଂ ପରିଶୋଧର  ସମୀକ୍ଷା  ଏବଂ ତଦାରଖ କରିବା । ଏସପି ଏମୟୁ (SPMU) ନିକଟରେ ଉପଯୁକ୍ତ  ମାସିକ ପ୍ରଗତି ବିବରଣୀ  ( ଏମ ପି ଆର ) ଦାଖଲ କରିବା

୩, ଆୟ ଭିତ୍ତିକ କାର୍ଯ୍ୟକ୍ରମ  ( ଆଇଜିଏ ) ସମୂହର ଚିହ୍ନଟ ତଥା ଆରଏଫ ପରିଚାଳନା ଇତ୍ୟାଦି ପାଇଁ ବ୍ୟାଙ୍କ ସହିତ ସଂଯୋଗ ସ୍ଥାପନ କରିବା ।

୪, ଭିଏସଏସ ଏବଂ ବନାଞ୍ଚଳ ଆରଏଫ ର ଆର୍ଥିକ ପରିଚାଳନା ଏବଂ ଖିଲାପି ପରିଚାଳନର ତଦାରଖ କରିବା କ୍ଷେତ୍ରରେ ଆବଶ୍ୟକ ପ୍ରଯୁକ୍ତି ଏବଂ ପରିଚାଳନାଗତ ସହାୟତା ପ୍ରଦାନ କରିବା ।

୫, ସଫଳ ଆୟ ଭିତ୍ତିକ କାର୍ଯ୍ୟକ୍ରମ  ( ଆଇଜିଏ ) ଗୁଡିକର ଉତ୍ପାଦ ନିମନ୍ତେ ବଜାର ସଂଯୋଗକୁ ସୁଗମ କରିବା ।

୬, ଆରଏଫ ପରିଚାଳନା ସମ୍ପର୍କିତ ପଦ୍ଧତି , ଉପଲବ୍ଧ, ସଫଳତାର କାହାଣୀ ଏବଂ  ସମସ୍ୟାକୁ  ନଥିଭୁକ୍ତ କରିବା ।

୭, ଆଇଜିଏ  ଏବଂ ଆରଏଫ ପରିଚାଳନା ଖିଲାପି ଏବଂ ଅସଫଳତା ସମ୍ପର୍କିତ ସମସ୍ୟାର ସମାଧାନ କରିବା

୮, ଆବର୍ତ୍ତନ ପାଣ୍ଠି, ଆୟ ଭିତ୍ତିକ କାର୍ଯ୍ୟକ୍ରମ  ( ଆଇଜିଏ ) ଏବଂ ଲାଭ ଇତ୍ୟାଦିର ସ୍ଥିତି ସମ୍ପର୍କରେ ମାସିକ ପ୍ରଗତି ବିବରଣୀ  ( ଏମ ପି ଆର ) ପ୍ରସ୍ତୁତ କରିବା ଏବଂ ଏସପି ଏମୟୁ (SPMU) ନିକଟରେ ଦାଖଲ କରିବା ।

୯, OFSDS-OMBADC ଆଇ ଏମ ଏସ ପୋର୍ଟାଲ ରେ  ବନଖଣ୍ଡ  ସମ୍ପର୍କିତ ଆବର୍ତ୍ତନ ପାଣ୍ଠିର ସୂଚନା ପ୍ରତି ମାସରେ ଅପଲୋଡ କରିବା ।

**ଛ) ରାଜ୍ୟ ପ୍ରକଳ୍ପ ପରିଚାଳନା ଏକକ (ଏସପି ଏମୟୁ)**

୧. ଆବର୍ତ୍ତନ ପାଣ୍ଠି ପାଇଁ  ପରିଚାଳନା ମାର୍ଗଦର୍ଶିକା ପ୍ରସ୍ତୁତି ଏବଂ ବଣ୍ଟନ କରିବେ ।

୨. ବାର୍ଷିକ ବଜେଟରେ ଆବର୍ତ୍ତନ ପାଣ୍ଠି ( ଆରଏଫ ) ପାଇଁ ବ୍ୟବସ୍ଥା କରିବା ଏବଂ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ଠିକ ସମୟରେ ପଠେଇବା ପାଇଁ ସୁନିଶ୍ଚିତ କରିବା ।

୩, ଆବର୍ତ୍ତନ ପାଣ୍ଠିର ବ୍ୟବହାରକୁ ତଦାରଖ କରିବା ଏବଂ ଆର୍ଥିକ ପରିଚାଳନା ବ୍ୟବସ୍ଥାକୁ ବିକଶିତ କରିବା ।

୪, ସମୟ ସହିତ ତାଳ ଦେଇ ମାର୍ଗଦର୍ଶିକାରେ ଆବଶ୍ୟକୀୟ ପରିବର୍ତ୍ତନକୁ ନିରୀକ୍ଷଣ ଏବଂ ସୁଗମ କରାଇବା ।

୫, ସମସ୍ତ ଅଂଶ ଧାରୀଙ୍କ ପାଇଁ ବିଭିନ୍ନ ସାମର୍ଥ୍ୟ ସୃଷ୍ଟିକାରୀ ତାଲିମ ମୋଡ୍ୟୁଲ (Module) ବିକଶିତ କରିବା ଏବଂ ଆରଏଫ ର ବ୍ୟବହାର ସମ୍ପର୍କିତ ଯୋଜନାକୁ ଚାଲୁ ରଖିବା ବ୍ୟବସ୍ଥାକୁ ସୁଗମ କରିବା ।

୬, ଆରଏଫର ମାସିକ ପ୍ରଗତି ବିବରଣୀ ( ଏମ ପି ଆର ) ଏବଂ ତ୍ରୈମାସିକ ପ୍ରଗତି ବିବରଣୀ (କ୍ୟୁପିଆର) ପ୍ରସ୍ତୁତ କରିବା ।

୭, ଆବର୍ତ୍ତନ ପାଣ୍ଠି ପାଇଁ ବାଧ୍ୟତାମୂଳକ ଯାଞ୍ଚ ( ଅଡିଟ)ର କାର୍ଯ୍ୟକୁ ସୁଗମ କରିବା ।

୮, OFSDS-OMBADC ଆଇ ଏମ ଏସ ପୋର୍ଟାଲ ରେ ବନଖଣ୍ଡ ସମ୍ପର୍କିତ ଆବର୍ତ୍ତନ ପାଣ୍ଠିର ସୂଚନା ପ୍ରତି ମାସରେ ଅପଲୋଡକୁ ସୁନିଶ୍ଚିତ କରିବା ।

୯, ସମସ୍ତ ସ୍ତରରେ ଆବର୍ତ୍ତନ ପାଣ୍ଠିର ସମୁଚିତ ବିନିଯୋଗ ହେଉଥିବା ସମ୍ପର୍କରେ ତଦାରଖ କରିବା ।

## ପରିଶିଷ୍ଟ ଗୁଡିକର ତାଲିକା

| | | |
|---|---|---|
| ୧. | ଋଣ ଆବେଦନ ପତ୍ର (ଫର୍ମାଟ) | ପରିଶିଷ୍ଟ - ୧ |
| ୨. | ବ୍ୟବସାୟ ଯୋଜନାର ଫର୍ମାଟ | ପରିଶିଷ୍ଟ - ୨ |
| ୩, | ଋଣ ଅନୁମୋଦନ ଫର୍ମାଟ | ପରିଶିଷ୍ଟ - ୩ |
| ୪, | ଆୟ ଭିତ୍ତିକ କାର୍ଯ୍ୟକ୍ରମ ( ଆଇଜିଏ ) ପାଇଁ ବ୍ୟବସାୟ ଯୋଜନା ଅନୁମୋଦନର ଫର୍ମାଟ | ପରିଶିଷ୍ଟ - ୪ |
| ୫, | ଋଣ ଗ୍ରହଣ କାରୀ ପକ୍ଷଙ୍କୁ ଚିହ୍ନଟ କରିବା ନିମନ୍ତେ ଯାଞ୍ଚ ତାଲିକା ଫର୍ମାଟ | ପରିଶିଷ୍ଟ - ୫ |
| ୬, | ଋଣ ଚୁକ୍ତିର ଫର୍ମାଟ | ପରିଶିଷ୍ଟ - ୬ |
| ୭, | ଅନୁମୋଦିତ ଋଣ ରସିଦର ଫର୍ମାଟ | ପରିଶିଷ୍ଟ - ୭ |

**ପରିଶିଷ୍ଟ – ୧**

**ଆବର୍ତ୍ତନ ପାଣ୍ଠି ଋଣ ଆବେଦନ ଫର୍ମ**

(ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ( OFSDS) – ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଂଚଳ ଉନ୍ନୟନ ନିଗମ ( OMBADC) ଜୀବିକା ଉନ୍ନୟନ ପ୍ରକଳ୍ପ ଅନ୍ତର୍ଭୁକ୍ତ ସ୍ୱୟଂ ସହାୟିକ ଗୋଷ୍ଠୀ / ସମ ଆଗ୍ରହୀ ଗୋଷ୍ଠୀ / ଦରିଦ୍ରତମ ବ୍ୟକ୍ତିଙ୍କ ପାଇଁ ଉଦ୍ଧିଷ୍ଟ ଭିଏସଏସ ଆବର୍ତ୍ତନ ପାଣ୍ଠି ( ଆର ଏଫ ) ରୁ ଋଣ ଅନୁମୋଦନ ପାଇଁ ଆବେଦନ ଫର୍ମ)

ପ୍ରାପ୍ତେଷୁ,

ସଭାପତି,

______________________________ ବନ ସଂରକ୍ଷଣ ସମିତି

**ବିଷୟ : ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି– ଓଡ଼ିଶା ଖଣିଜ ପଦାର୍ଥଧାରକ ଅଂଚଳ ଉନ୍ନୟନ ନିଗମ ପରିଚାଳିତ ଜୀବିକା ଉନ୍ନୟନ ପ୍ରକଳ୍ପ ଅନ୍ତର୍ଭୁକ୍ତ ଭିଏସଏସର ଆବର୍ତ୍ତନ ପାଣ୍ଠି ରୁ ଋଣ ମଞ୍ଜୁରୀ ପାଇଁ ଆବେଦନ)**

ମହାଶୟ / ମହାଶୟା

ମୁଁ / ଆମେ ______________________( ନାମ )ଋଣ ଗ୍ରହଣ କାରୀ ସଂସ୍ଥା ଯଥା – ସ୍ୱୟଂ ସହାୟିକା ଗୋଷ୍ଠୀ / ସମ ଆଗ୍ରହୀ ଗୋଷ୍ଠୀ / ପିଓପି ( ଗଠନ ତାରିଖ______________) ଏବଂ ସଦସ୍ୟ______________ ବନ ସଂରକ୍ଷଣ ସମିତି, ଗ୍ରାମ __________ ଆପଣଙ୍କୁ ଆବେଦନ କରୁଛୁ ଯେ ଦୟା ପୂର୍ବକ______________ଟଙ୍କା (ଅକ୍ଷରରେ______________________) ବନ ସଂରକ୍ଷଣ ସମିତିର ଜୀବିକା ଉନ୍ନୟନ ନିମିତ୍ତ ଉଦ୍ଧିଷ୍ଟ ଆବର୍ତ୍ତନ ପାଣ୍ଠିରୁ __________ (ଆୟ ଭିତ୍ତିକ କାର୍ଯ୍ୟକ୍ରମ ( ଆଇଜିଏ )ର ନାମ ନିମିତ୍ତ ), ______________ (ମାସ ) ପାଇଁ, ଆରମ୍ଭ _________ ମାସ ________ ବର୍ଷ ଠାରୁ ____________ ( କିସ୍ତି) ରେ ମଞ୍ଜୁର କରନ୍ତୁ । ଏହି ଟଙ୍କା ______________ ବ୍ୟାଙ୍କ, IFSC କୋଡ ନମ୍ବର ___________, ଆକାଉଣ୍ଟ ନମ୍ବର __________ ରେ ପ୍ରଦାନ କରିବାକୁ ଅନୁରୋଧ ।

ପ୍ରସ୍ତାବିତ କାର୍ଯ୍ୟର ବ୍ୟବସାୟିକ ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ଏଠାରେ ଆପଣଙ୍କୁ ସୂଚୀତ କରିବା ପାଇଁ ଏବଂ ତାହା ଉପରେ ବିଚାର କରିବା ପାଇଁ ସଂଲଗ୍ନ କରାଗଲା । ପ୍ରସ୍ତାବିତ କାର୍ଯ୍ୟକ୍ରମ ପାଇଁ ଋଣ ପ୍ରଦାନ ତଥା ପରିଶୋଧ ସୂଚୀ ଏଥି ସହିତ ସଂଲଗ୍ନ କରାଗଲା । ମୁଁ / ଆମେ କୌଣସି ବ୍ୟାଙ୍କ / ଆର୍ଥିକ ଅନୁଷ୍ଠାନରୁ ଋଣ ଆଣି ପରିଶୋଧରେ ଖିଲାପ କରି ନାହୁଁ । ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠି ରୁ ଋଣ ପ୍ରଦାନ କରାଗଲେ ଆମେ ଚିର ଉପକୃତ ହେବୁ ।

ସଂଲଗ୍ନ ପତ୍ର : ଉପର ଲିଖିତ ତଥ୍ୟ ମୁତାବକ

ଆପଣଙ୍କର କୃତଜ୍ଞ

(ଋଣ ଗ୍ରହଣ କାରୀ ସଂସ୍ଥା ର ସଭାପତି / ସେକ୍ରେଟାରୀ )
( ଦସ୍ତଖତ / ବାମ ହାତ ବୃଦ୍ଧାଙ୍ଗୁଷ୍ଠିର ଛାପ )

ନାମ ଏବଂ ଦସ୍ତଖତ / ସଦସ୍ୟମାନଙ୍କର ବାମ ହାତର ବୃଦ୍ଧାଙ୍ଗୁଷ୍ଠୀର ଛାପ

**୧.** **୫.**
**୨.** **୬.**
**୩.** **୭.**
**୪.** **୮.**

**ସଂଲଗ୍ନ ପତ୍ର ( ଏନକ୍ଲୋଜର ):**

**ଋଣ ଆବେଦନର ବିବରଣୀ**

ବ୍ୟବସାୟ ଯୋଜନା ଅନୁସାରେ ଆୟ ଭିତ୍ତିକ କାର୍ଯ୍ୟକ୍ରମର ସମୁଦାୟ  ଆବଶ୍ୟକୀୟ ଅର୍ଥ : (ଟଙ୍କା)________________________

ଋଣ ଅର୍ଥ, ସମୁଦାୟ ଅର୍ଥର ୮୦% : (ଟଙ୍କା)________________________________________________________

ନିଜସ୍ୱ ଅବଦାନ ସମୁଦାୟ ଅର୍ଥର ୨୦% : ଟଙ୍କା ___________________ ( ନଗଦ ) ଏବଂ ଟଙ୍କା ______________(ଶ୍ରମ /ସାମଗ୍ରୀ  )

**ବଣ୍ଟନ କାର୍ଯ୍ୟ ସୂଚୀ**  ( ଆବଶ୍ୟକ ହେଲେ ଅଧିକ ଧାଡି ଯୋଡା ଯାଇପାରେ )

| କ୍ର ନଂ | କିସ୍ତି ସଂଖ୍ୟା | ସମ୍ପୂର୍ଣ ହେବାକୁ  ଥିବା କାର୍ଯ୍ୟର ନାମ | ନିଜସ୍ୱ ଅବଦାନ ( ୨୦% ) | ଋଣ ଅନୁଦାନ (୮୦%) | ମନ୍ତବ୍ୟ |
|---|---|---|---|---|---|
| କ | ୧. | | | | |
| ଖ | ୨ | | | | |
| ଗ | ୩ | | | | |
| ଘ | ୪ | | | | |
| ଙ | ୫ | | | | |
| ଚ | ୬ | | | | |

**ଋଣ ପରିଶୋଧ କାର୍ଯ୍ୟ ସୂଚୀ** ( ଆବଶ୍ୟକ ହେଲେ ଅଧିକ ଧାଡି ଯୋଡା ଯାଇପାରେ )

| କ୍ର ନଂ | କିସ୍ତି ସଂଖ୍ୟା | ଋଣ ପରିଶୋଧ | | | | ଯଦି କିଛି ଜୋରିମାନା ଅଛି ( ଋଣ ଅର୍ଥର ୧%) | | ମନ୍ତବ୍ୟ |
|---|---|---|---|---|---|---|---|---|
| କ | ୧ | ମୂଳ ରାଶି | ସୁଧ | ସମୁଦାୟ | ତାରିଖ | ଦେୟ ତାରିଖ | ପରିମାଣ | |
| ଖ | ୨ | | | | | | | |
| ଗ | ୩ | | | | | | | |
| ଘ | ୪ | | | | | | | |
| ଙ | ୫ | | | | | | | |
| ଚ | ୬ | | | | | | | |

# ଋଣ ଗ୍ରହଣ କାରୀ ପକ୍ଷ ନିମନ୍ତେ ବ୍ୟବସାୟ ଯୋଜନା ପତ୍ର ( ଫର୍ମାଟ)

**(୧) ସାଧାରଣ ସୂଚନା**

୧, ଋଣ ଗ୍ରହଣ କାରୀଙ୍କ ନାମ : ________________________________________

୨, ଭିଏସଏସର ନାମ : ________________________________________

୩, ଭିଏସଏସ କୋଡ : ________________________________________

୪, ଋଣ ଗ୍ରହଣକାରୀ ପକ୍ଷ ( ସଂସ୍ଥା)ର ଠିକଣା :___________________________________

୫, ଆୟ ଭିତ୍ତିକ କାର୍ଯ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ସଦସ୍ୟ ମାନଙ୍କ ଶ୍ରେଣୀ ଏବଂ ସଂଖ୍ୟା : ସାଧାରଣ / ଅନୁସୂଚିତ ଜାତି / ________ ଅନୁସୂଚିତ ଜନଜାତି ____________________________________________

୬, ସମ୍ପୃକ୍ତ ହେବାକୁ ଥିବା ସଭ୍ୟ ସଂଖ୍ୟା : ପୁରୁଷ ________, ମହିଳା__________ ଅନ୍ୟାନ୍ୟ _________ ସମୁଦାୟ_________

୭, ପ୍ରସ୍ତାବିତ ଆୟ ଭିତ୍ତିକ କାର୍ଯ୍ୟ ( ଆଇଜିଏ )ର ନାମ ________________________________________

୮, ପ୍ରସ୍ତାବିତ ଆୟ ଭିତ୍ତିକ କାର୍ଯ୍ୟ ( ଆଇଜିଏ )ର ନିର୍ଦ୍ଧିଷ୍ଟ ସ୍ଥାନ ______________________________________

୯, ସମାନ କାର୍ଯ୍ୟ କରିବା କ୍ଷେତ୍ର ଋଣ ଗ୍ରହଣ କାରୀ ସଂସ୍ଥାର ପୂର୍ବ ଅଭିଜ୍ଞତା ( ହଁ /ନାହଁ ): ଯଦି ହଁ: କେତେ ବର୍ଷ ______________

୧୦, କାର୍ଯ୍ୟ ସମ୍ପର୍କିତ ଆବଶ୍ୟକୀୟ ସ୍ବତନ୍ତ ତାଲିମ, ଯଦି ଥାଏ ________________________________________

**(୨ ) ପ୍ରସ୍ତାବିତ ପ୍ରକଳ୍ପର ବିବରଣୀ**

**(କ ) ସ୍ଥିର ପୁଞ୍ଜି**

**କ.୧. ଜମି ଏବଂ ଗୃହ**

ମୁଲୁଦୁଆ ( ପ୍ଲିଛ) କ୍ଷେତ୍ର :________________ ନିଜସ୍ବ / ଲିଜ /ଭଡା :_____________ ଜମିର ସମୁଦାୟ ମୂଲ୍ୟ _____________

କମ୍ୟୁନିଟ ହଲ

ଏସ ଏଚ ଜି ଗୃହ / କୋଠା

ବନ ସଂରକ୍ଷଣ ସମିତି ଗୃହ

**କ.୨, ଯନ୍ତ୍ର ଏବଂ ଯନ୍ତ୍ରାଂଶ**

| କ୍ର ନଂ | ବିବରଣୀ | ଆବଶ୍ୟକୀୟ ୟୁନିଟ | ଏକକର ମୂଲ୍ୟ (ଟଙ୍କା) | ସମୁଦାୟ ମୂଲ୍ୟ ( ଟଙ୍କା) |
|---|---|---|---|---|
| | | | | |
| | | | | |
| | ମୋଟ | | | |

**କ. ୩, ଅନ୍ୟାନ୍ୟ ସ୍ଥାବର ସମ୍ପତି ( ଫିକସର ଏବଂ ଆସବାବପତ୍ର )**

| କ୍ର ନଂ | ବିବରଣୀ | ଆବଶ୍ୟକୀୟ ୟୁନିଟ | ୟୁନିଟ / ଏକକର ମୂଲ୍ୟ (ଟଙ୍କା) | ସମୁଦାୟ ମୂଲ୍ୟ ( ଟଙ୍କା) |
|---|---|---|---|---|
| | | | | |
| | | | | |
| | ମୋଟ | | | |

**ଖ : କାର୍ଯ୍ୟକାରୀ ପୁଞ୍ଜି**

**ଖ.୧ କଞ୍ଚା ମାଲ**

ଆକଳନ

(କ) ଜଣେ ବ୍ୟକ୍ତି ସଂଗ୍ରହ କରି ପାରିବ __________________________ କିଲୋଗ୍ରାମ ______________________________
( ଉତ୍ପାଦର ନାମ ) ____________________________________________ ଗୋଟିଏ ଦିନରେ ।
(ଖ) ଗୋଟିଏ ଋତୁରେ ଆଇଜି ଏ ନିମନ୍ତେ ଆବଶ୍ୟକ ହାରାହାରି ଦିନ ସଂଖ୍ୟା __________________

(ଗ ) ସମୁଦାୟ ସଦସ୍ୟ __________________________ କିଲୋଗ୍ରାମ କିମ୍ବା କୁଇଣ୍ଟାଲ ସଂଗ୍ରହ କରିବେ ।

| କ୍ର ନଂ | ସାମଗ୍ରୀ | ଆବଶ୍ୟକୀୟ ୟୁନିଟ ( କିଲୋଗ୍ରାମରେ ) | ଏକକର ମୂଲ୍ୟ ( କିଲୋଗ୍ରାମରେ ) | ମୋଟ ମୂଲ୍ୟ |
|---|---|---|---|---|
| ୧. | | | | |
| ୨. | | | | |
| ୩. | | | | |
| ୪. | | | | |
| | ସମୁଦାୟ | | | |

**ଖ. ୨. ଉପଯୋଗୀ ସେବା ( ଆବଶ୍ୟକ ହେଲେ ଅଧିକ ଧାଡି ଯୋଡା ଯାଇପାରିବ)**

| କ୍ର ନଂ | ବିବରଣୀ | ଉତ୍ସ | ମୂଲ୍ୟ | ସମୁଦାୟ ମୂଲ୍ୟ |
|---|---|---|---|---|
| ୧. | ବିଦ୍ୟୁତ ଦେୟ | | | |
| ୨. | ପ୍ରଶାସନିକ ଖର୍ଚ୍ଚ | | | |
| ୩. | ଅନ୍ୟାନ୍ୟ ଖର୍ଚ୍ଚ | | | |
| | ସମୁଦାୟ | | | |

**ଖ. ୩. ମାନବ ସମ୍ବଳ ( ଆବଶ୍ୟକ ହେଲେ ଅଧିକ ଧାଡି ଯୋଡା ଯାଇପାରିବ)**

| କ୍ର ନଂ | ବିବରଣୀ | ଆବଶ୍ୟକୀୟ ୟୁନିଟ | ୟୁନିଟ / ଏକକର ମୂଲ୍ୟ | ସମୁଦାୟ ମୂଲ୍ୟ |
|---|---|---|---|---|
| ୧. | ପରିଚାଳନା , ଶ୍ରେଣୀକରଣ, ପର୍ଯ୍ୟାୟକରଣ ଇତ୍ୟାଦି ପାଇଁ ସଦସ୍ୟ ମାନଙ୍କୁ ପାରିତୋଷିକ | | | |
| ୨. | ତାଲିମ ଏବଂ ଦକ୍ଷତା ବୃଦ୍ଧି | | | |
| ୩. | ଅନ୍ୟାନ୍ୟ | | | |
| | ମୋଟ | | | |

**ଖ. ୪.ବିକ୍ରି ଏବଂ ବିତରଣ ଖର୍ଚ୍ଚ**

| କ୍ର ନଂ | ବିବରଣୀ | ଆବଶ୍ୟକୀୟ ୟୁନିଟ | ୟୁନିଟ /ଏକକର ମୂଲ୍ୟ | ସମୁଦାୟ ମୂଲ୍ୟ |
|---|---|---|---|---|
| ୧. | ପରିବହନ ଖର୍ଚ୍ଚ | | | |
| ୨. | ଶ୍ରମିକ ଖର୍ଚ୍ଚ ( ପ୍ୟାକ କରିବା ଏବଂ ପରିବହନ କରାଇବା ) | | | |
| | ମୋଟ | | | |

**ଖ. ୫, ପ୍ରଶାସନିକ ଖର୍ଚ୍ଚ**

| କ୍ର ନଂ | ବିବରଣୀ | ଆବଶ୍ୟକୀୟ ୟୁନିଟ | ୟୁନିଟ /ଏକକର ମୂଲ୍ୟ ( ଟଙ୍କା ) | ସମୁଦାୟ ମୂଲ୍ୟ ( ଟଙ୍କା ) |
|---|---|---|---|---|
| ୧. | ଷ୍ଟେସନାରୀ ଏବଂ ଅନ୍ୟାନ୍ୟ | | | |
| ୨. | ଥାକ | | | |
| ୩. | ପ୍ୟାକ କରିବା ନିମନ୍ତେ ସାମଗ୍ରୀ | | | |
| ୪. | ଛାପିବା ନିମନ୍ତେ ଖର୍ଚ୍ଚ | | | |
| | ମୋଟ | | | |

**ଗ) ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ( କ + ଖ )**

| | | |
|---|---|---|
| ୧. | ନିଜସ୍ୱ ଅବଦାନ ( ଟଙ୍କାରେ ) | |
| ୨. | ଆବଶ୍ୟକ ଋଣ ( ଟଙ୍କା ) | |
| ୩. | ଋଣ ଉତ୍ସ | |
| ୪. | ଋଣ ଅବଧି ( ମାସ ) | |
| ୫. | ଋଣ ସୁଝିବା ନିମନ୍ତେ କିସ୍ତି | |
| | ସମୁଦାୟ | |

**ଘ) ଉତ୍ପାଦନ / ବିକ୍ରି କାର୍ଯ୍ୟକ୍ରମ**

| କ୍ର ନଂ | ସାମଗ୍ରୀ | ମାସ | ବିକ୍ରି ହେବାକୁ ଥିବା ସାମଗ୍ରୀ | ୟୁନିଟ / ଏକକର ମୂଲ୍ୟ ( ପ୍ରତି କେଜି ) | ସମୁଦାୟ ମୂଲ୍ୟ ( ଟଙ୍କା ) |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |

**ଙ: ଲାଭାଂଶ ଆକଳନ**

| ଘ' ର ସମୁଦାୟ ମୂଲ୍ୟ | ଗ' ର ସମୁଦାୟ ମୂଲ୍ୟ | ମୋଟ ଲାଭ ( ଘ – ଗ ) |
|---|---|---|
| | | |

**ଗ. ଅତିରିକ୍ତ ସୂଚନା**

**୧.: ବଜାର ସଂଯୋଗୀକରଣ**

ବେଶୀ ପରିମାଣ ମାର୍କେଟିଂ / ପ୍ରତ୍ୟକ୍ଷ ବିକ୍ରି ନିମନ୍ତେ ଲକ୍ଷ୍ୟ

ଠିକା / ଚୁକ୍ତି ଅବଧି ( ଯଦି କିଛି ଥାଏ ):

**୨. ପ୍ରକ୍ରିୟାକରଣ ବିବରଣୀ**

କଞ୍ଚାମାଲର ପ୍ରକ୍ରିୟାକରଣ ପାଇଁ ପର୍ଯ୍ୟାୟ

ଦକ୍ଷତା ଏବଂ କ୍ଷମତା ବିକାଶର ଆବଶ୍ୟକତା

ଯାନ୍ତ୍ରିକ ସେବା ପ୍ରଦାନକାରୀ (ଯଦି କିଛି ଥାଏ ):

୩. ସହାୟତା ସେବାର ଆବଶ୍ୟକତା

**(କ) ବଣ୍ଟନ କାର୍ଯ୍ୟ ସୂଚୀ ( ଆବଶ୍ୟକ ହେଲେ ଅଧିକ ଧାଡି ଯୋଡନ୍ତୁ )**

| କ୍ର.ସଂ | କିସ୍ତି ସଂଖ୍ୟା | ସମ୍ପୂର୍ଣ୍ଣ ହେବାକୁ ଥିବା କାର୍ଯ୍ୟର ନାମ | ନିଜସ୍ବ ଅବଦାନ ( ୨୦% ) | ଋଣ ଅନୁଦାନ ( ୮୦% ) | ମନ୍ତବ୍ୟ |
|---|---|---|---|---|---|
| କ | ୧ | | | | |
| ଖ | ୨ | | | | |
| ଗ | ୩ | | | | |
| ଘ | ୪ | | | | |
| ଙ | ୫ | | | | |

**(ଖ ) ଋଣ ପରିଶୋଧ କାର୍ଯ୍ୟ ସୂଚୀ ( ଆବଶ୍ୟକ ହେଲେ ଅଧିକ ଧାଡି ଯୋଡନ୍ତୁ )**

| କ୍ର ସଂ | କିସ୍ତି ସଂଖ୍ୟା | ପରିଶୋଧ ହୋଇଥିବା ଋଣ | | | | ଯଦି କିଛି ଜୋରିମାନା ଅଛି ( ଋଣ ଅର୍ଥର ୧%) | | ମନ୍ତବ୍ୟ |
|---|---|---|---|---|---|---|---|---|
| | | ମୂଳ | ସୁଧ | ମୋଟ | ତାରିଖ | ଦେୟ ତାରିଖ | ପରିମାଣ | |
| | | | | | | | | |
| | | | | | | | | |

ନିବେଦକ

( ଦସ୍ତଖତ / ବାମ ହାତ ବୃଦ୍ଧାଙ୍ଗୁଷ୍ଠିର ଛାପ )

ସମ୍ପାଦକ ସଭାପତି ଗୋଷ୍ଠୀ ସହାୟକ ସହଭାଗୀ ସ୍ୱେଚ୍ଛାସେବୀ ସଂସ୍ଥା

# ରଣ ଅନୁମୋଦନ ପତ୍ର ( ଫର୍ମାଟ)

ରଣ ଗ୍ରହଣ କାରୀ ଗୋଷ୍ଠୀ/ବ୍ୟକ୍ତି ର ନାମ : ______________________________

ରଣ ପାଇଁ ଆବେଦନ କରାଯାଇଥିବା ଭିଏସ ଏସ ର ନାମ : ______________________________

ଭିଏସ ଏସ କୋଡ : ______________________________

ପ୍ରସ୍ତାବିତ ରଣର ବିବରଣୀ : ______________________________

ରଣ ଆବଶ୍ୟକତାର ସଂକ୍ଷିପ୍ତ ବର୍ଣ୍ଣନା

| **ସମୁଦାୟ ପ୍ରକଳ୍ପ ଖର୍ଚ** | **ସ୍ଥିର ମୂଲ୍ୟ** | **ପରିବର୍ତ୍ତିତ ମୂଲ୍ୟ** |
|---|---|---|
| **ଆବେଦନ କରାଯାଇଥିବା ସମୁଦାୟ ରଣ ପରିମାଣ** | | |
| **ପ୍ରକଳ୍ପକୁ ଅର୍ଥ ପ୍ରଦାନର** ଉତ୍ସ | **ଅର୍ଥ** ଉତ୍ସ | |
| **ପ୍ରସ୍ତାବିତ ଫେରସ୍ତ ଅବଧି ( ମାସ ୱାରୀ) ବ୍ୟବସାୟୀ ଯୋଜନା ଅନୁସାରେ** | | |
| **ସଂଲଗ୍ନ ହୋଇଥିବା ପ୍ରମାଣପତ୍ରର ତାଲିକା ( ଦୟାକରି ଠିକ ମାରନ୍ତୁ )** | **ରଣ ଆବେଦନ ପତ୍ର** | |
| | **ବ୍ୟବସାୟ ଯୋଜନା** | |
| | **ଅନୁମୋଦନ / ପ୍ରତ୍ୟାଖାନ ପାଇଁ ଭି ଏସ ଏସ ର ସଂକଳ୍ପ** | |
| | **ଅନ୍ୟାନ୍ୟ** | |

**ରଣ ପ୍ରଦାନ କାର୍ଯ୍ୟସୂଚୀ :**

| **କ୍ର ସଂ** | **କିସ୍ତି ସଂଖ୍ୟା** | ସମ୍ପୂର୍ଣ ହେବାକୁ ଥିବା କାର୍ଯ୍ୟ | ନିଜସ୍ୱ ଅବଦାନ ( ୨୦%) | ରଣ ( ୮୦%) | ମନ୍ତବ୍ୟ |
|---|---|---|---|---|---|
| କ | ୧ | | | | |
| ଖ | ୨ | | | | |
| ଗ | ୩ | | | | |
| ଘ | ୪ | | | | |
| ଙ | ୫ | | | | |
| ଚ | ୬ | | | | |

ରଣ ପରିଶୋଧ କାର୍ଯ୍ୟ ସୂଚୀ :

| କ୍ର ସଂ | କିସ୍ତି ସଂଖ୍ୟା | ରଣ ଅର୍ଥ ପଇଠ | | | | ଯଦି କିଛି ଜୋରିମାନା ଅଛି ( ରଣ ଅର୍ଥର ୧%) | | ମନ୍ତବ୍ୟ |
|---|---|---|---|---|---|---|---|---|
| | | ମୂଳ ରାଶି | ସୁଧ | ସମୁଦାଯ | ତାରିଖ | ଦେୟ ତାରିଖ | ପରିମାଣ | |
| କ | ୧ | | | | | | | |
| ଖ | ୨ | | | | | | | |
| ଗ | ୩ | | | | | | | |
| ଘ | ୪ | | | | | | | |
| ଙ | ୫ | | | | | | | |
| ଚ | ୬ | | | | | | | |

ରଣ ମଞ୍ଜୁରୀ / ପ୍ରତ୍ୟାଖାନ

| |
|---|
| ମତାମତ |

ରଣ ଅନୁମୋଦନ କାରୀ ____________________ ତାରିଖ ____________

( କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ନାମ ଏବଂ ପଦବୀ )

| | |
|---|---|
| ୧. | ୮. |
| ୨. | ୯. |
| ୩. | ୧୦. |
| ୪. | ୧୧. |
| ୫. | ୧୨. |
| ୬. | ୧୩. |
| ୭. | ୧୪. |

**ଆୟ ଭିତ୍ତିକ କାର୍ଯ୍ୟ ( ଆଇଜି ଏ ) ନିମନ୍ତେ ବ୍ୟବସାୟ ଯୋଜନା ଅନୁମୋଦନ ଢାଞ୍ଚା ପତ୍ର ( ଫର୍ମାଟ )**

ଋଣ ଗ୍ରହଣ କାରୀ ଗୋଷ୍ଠୀ/ ବ୍ୟକ୍ତି ର ନାମ : ____________________________________________

ଶ୍ରେଣୀ : ଏସଏଚଜି / ସିଆଇଜି / ଅତି ଦରିଦ୍ର ପରିବାର (ପି ଓ ପି ) : ________________________________

କେଉଁ ଭିଏସଏସକୁ ଆବେଦନ କରାଗଲା : ____________________________________________

ଭି ଏସ ଏସ କୋଡ : ____________________________

ପ୍ରସ୍ତାବିତ କାର୍ଯ୍ୟକ୍ରମ ନିମନ୍ତେ ନିର୍ଦ୍ଧିଷ୍ଟ ସ୍ଥାନ: ________________________________________

ସମାନ କାର୍ଯ୍ୟ କରିବା କ୍ଷେତରେ ଗୋଷ୍ଠୀ/ ବ୍ୟକ୍ତି ର ଯଦି କିଛି ପୁରୁଣା ଅଭିଜ୍ଞତା ରହିଥାଏ ____________________

**ପ୍ରସ୍ତାବିତ ବ୍ୟବସାୟ ଯୋଜନାର ବିବରଣୀ**

| | | |
|---|---|---|
| ବ୍ୟବସାୟିକ ଯୋଜନାର ସଂକ୍ଷିପ୍ତ ବର୍ଣ୍ଣନା | | |
| ସମୁଦାୟ ପ୍ରକଳ୍ପ ଖର୍ଚ୍ଚ | ସ୍ଥାୟୀ ମୂଲ୍ୟ | ଅସ୍ଥାୟୀ ମୂଲ୍ୟ |
| ପରିମାଣ ( ଟଙ୍କା) | ଟଙ୍କା | ଟଙ୍କା |
| ପାଣ୍ଠିର ଉତ୍ସ | ଋଣ ଅନୁଦାନ | ନିଜସ୍ୱ ଅବଦାନ |
| ଆଇଜିଏ କାର୍ଯ୍ୟ କ୍ରମ ନାମ ଯାହା ପାଇଁ ଋଣ ଆବେଦନ କରାଯାଇଛି | | |
| ଆଇଜିଏରେ ଅନ୍ତର୍ଭୁକ୍ତ ହେବାକୁ ଯାଉଥିବା ସମୁଦାୟ ହିତାଧିକାରୀଙ୍କ ମୋଟ ସଂଖ୍ୟା | | |
| ଉପକୃତ ହେବାକୁ ଥିବା ଅତି ଦରିଦ୍ର ପରିବାରଙ୍କ ସଂଖ୍ୟା | | |
| ପ୍ରକଳ୍ପର ବିଶେଷତ୍ୱ (ୟୁଏସ ପି ) | | |

**ଋଣ ମଞ୍ଜୁରୀ / ପ୍ରତ୍ୟାଖାନ**

| |
|---|
| ମତାମତ |

ଋଣ ଅନୁମୋଦନ କାରୀ ________________________________ ତାରିଖ ________________

( କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ନାମ ଏବଂ ପଦବୀ )

| | |
|---|---|
| ୧. | ୫. |
| ୨. | ୬. |
| ୩. | ୭. |
| ୪. | ୮. |

# ରଣ ଗ୍ରହଣକାରୀ ପକ୍ଷଙ୍କୁ ଆବର୍ତ୍ତନ ପାଣ୍ଠିରୁ ରଣ ଅନୁମୋଦନ ପାଇଁ ଯୋଗ୍ୟତା ତଦାରଖ ମାନଦଣ୍ଡ

| | | | | | |
|---|---|---|---|---|---|
| ଭିଏସଏସର ନାମ | | ଭିଏସଏସର କୋଡ | | | |
| ରଣ ଗ୍ରହଣକାରୀଙ୍କ ନାମ | | ଉଚିତ ସ୍ଥାନରେ ଟିକ ଚିହ୍ନ ମାରନ୍ତୁ | | | |
| କ୍ର ସଂଖ୍ୟା | ରଣ ମୂଲ୍ୟାଙ୍କନ କମିଟି ଦ୍ୱାରା ରଣ ଗ୍ରହଣକାରୀ ଚୟନ ମାନଦଣ୍ଡ | ହଁ | ନା | ପ୍ରୟୋଜନୀୟ ନୁହେଁ | ମନ୍ତବ୍ୟ |
| ୧ | ରଣ ଗ୍ରହଣକାରୀ ସେହି ଗ୍ରାମର ବାସିନ୍ଦା | | | | |
| ୨ | ରଣ ଗ୍ରହଣକାରୀ ପକ୍ଷ ଭିଏସଏସର ସଦସ୍ୟ | | | | |
| ୩ | ରଣ ଗ୍ରହଣକାରୀ ପକ୍ଷର ସଦସ୍ୟ ମାନଙ୍କର ଜଙ୍ଗଲ ସୁରକ୍ଷା ଏବଂ ଭିଏସଏସର କାର୍ଯ୍ୟ କ୍ରମରେ ପ୍ରତ୍ୟକ୍ଷ ସହଯୋଗ | | | | |
| ୪ | ରଣ ଗ୍ରହଣକାରୀ ପକ୍ଷ ନିକଟରେ ସମ୍ବଳ ରହିଥିବା ଆବଶ୍ୟକ | | | | |
| ୫ | ରଣ ଗ୍ରହଣକାରୀ ପକ୍ଷଙ୍କ ଆୟ ଭିତ୍ତିକ କାର୍ଯ୍ୟକ୍ରମ ( ଆଇଜି ଏ ) ପାଇଁ ଦକ୍ଷତା ଏବଂ ଉତ୍ପାଦ କ୍ଲଷ୍ଟରରେ ଯୋଗ ଦେବା ପାଇଁ ଆଗ୍ରହ | | | | |
| ୬ | ରଣ ଗ୍ରହଣକାରୀ ପକ୍ଷଙ୍କର ଅନ୍ତତଃ ଏକ ବର୍ଷ କାର୍ଯ୍ୟ କାରୀ ଅଭିଜ୍ଞତା | | | | |
| ୭. କ | ରଣ ଗ୍ରହଣକାରୀ ପକ୍ଷଙ୍କ କାର୍ଯ୍ୟକ୍ଷମ ( ଚଳନ୍ତି) ବ୍ୟାଙ୍କ ଖାତା ( ପାସ ବୁକ ଫୋଟୋ କପି ସଂଲଗ୍ନ କରାଯିବ ) | | | | |
| ୭. ଖ | ରଣ ଗ୍ରହଣକାରୀ ପକ୍ଷ ସଦସ୍ୟଙ୍କ ବୈଧ ଆଧାର କାର୍ଡ ( ରଣ ଦରଖାସ୍ତରେ ସଂଲଗ୍ନ କରିବେ ) | | | | |
| ୮ | ରଣ ଗ୍ରହଣକାରୀ (ପକ୍ଷର) ସଦସ୍ୟମାନେ ଅତି କମରେ ଗ୍ରାମରେ ୩ ବର୍ଷର ବାସିନ୍ଦା | | | | |
| ୯ | ରଣ ଗ୍ରହଣକାରୀ ପକ୍ଷ ନିକଟରେ ଆବର୍ତ୍ତନ ପାଣ୍ଠିକୁ ବିନିଯୋଗ କରି ତାହାର ଲାଭାଂଶ କୁ ଆୟ ଭିତ୍ତିକ କାର୍ଯ୍ୟରେ ( ଆଇଜି ଏ ) ପୁନଃ ବିନିଯୋଗ କରି ରଣ ଅର୍ଥ ପରିଶୋଧ କରିବାର କ୍ଷମତା | | | | |
| ୧୦ | ରଣ ଗ୍ରହଣକାରୀ ପକ୍ଷ ସମସ୍ତ ଆବଶ୍ୟକୀୟ ପ୍ରମାଣ ପତ୍ର ସହ ରଣ ଆବେଦନ କରିଛନ୍ତି | | | | |
| ୧୧ | ରଣ ଗ୍ରହଣକାରୀ ପକ୍ଷ କୌଣସି ବ୍ୟାଙ୍କ ବା ଆର୍ଥିକ ଅନୁଷ୍ଠାନରେ ରଣ ପରିଶୋଧରେ ଖିଲାପି ନୁହଁନ୍ତି | | | | |
| ୧୨ | ରଣ ଗ୍ରହଣକାରୀ ପକ୍ଷ ଅନ୍ୟ କୌଣସି ବ୍ୟାଙ୍କ, ଆର୍ଥିକ ସଂସ୍ଥା, ମିଶନ ଶକ୍ତି କିମ୍ବା ଓଏଲଏମ ଠାରୁ ରଣ ନେଇ ନାହାନ୍ତି | | | | |
| ୧୩ | ରଣ ଗ୍ରହଣକାରୀ ପକ୍ଷ ଅତି ଦରିଦ୍ର ପରିବାର (POP)ର ହୋଇଥିଲେ ତାଙ୍କ ବୟସ ୨୫ ରୁ ୬୦ ମଧ୍ୟରେ ହୋଇଥିବା ଆବଶ୍ୟକ | | | | |
| ୧୪ | ରଣ ଗ୍ରହଣକାରୀ ପକ୍ଷ ଭିଏସଏସର ଦୁଇ ଜଣ ଭରସା ଯୋଗ୍ୟ ସଦସ୍ୟଙ୍କ ନିର୍ଭୋରକ୍ତି ପ୍ରଦାନ କରିଛନ୍ତି | | | | |
| | ରଣ ଆବେଦନ ଗୃହୀତ କିମ୍ବା ଖାରଜ ହେଲା | ଯଦି ଖାରଜ ହେଲା କେଉଁଥି ପାଇଁ ହେଲା ତାହାର କ୍ରମିକ ନଂ ନିମ୍ନରେ ଉଲ୍ଲେଖ ରହିବ | | | |
| | | | | | |

**ଋଣ  ପ୍ରସ୍ତାବ ଋଣ ମୂଲ୍ୟାଙ୍କନ କମିଟି ଦ୍ୱାରା ସୁପାରିସ କରାଗଲା**

| କ୍ର. ସଂଖ୍ୟା | ସଦସ୍ୟଙ୍କ ନାମ | ପଦବୀ | ସ୍ୱାକ୍ଷର / ଆଙ୍ଗୁଠି ଟିପ ଚିହ୍ନ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

| ଋଣ ଆବେଦନ ଗୃହୀତ କିମ୍ବା ଖାରଜ ହେଲା | ଯଦି ଖାରଜ ହେଲା କେଉଁ କ୍ରମ ସଂଖ୍ୟା  ପାଇଁ ହେଲା ତାହା ନିମ୍ନରେ ଉଲ୍ଲେଖ ରହିବ | | | |
|---|---|---|---|---|
| | | | | |
| | | | | |

**କାର୍ଯ୍ୟକାରୀ  କମିଟିର ସଦସ୍ୟଙ୍କ ନିଷ୍ପତ୍ତି**

| କ୍ର. ସଂଖ୍ୟା | ସଦସ୍ୟଙ୍କ ନାମ | ପଦବୀ | ସ୍ୱାକ୍ଷର / ଆଙ୍ଗୁଠି ଟିପ ଚିହ୍ନ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |

**(ଷ୍ଟାମ୍ପ ଆଇନ ଅନୁଯାୟୀ  ଦଶ ଟଙ୍କା ମୂଲ୍ୟର ଷ୍ଟାମ୍ପ ପେପରରେ ଏହି ଚୁକ୍ତି ନାମା ଛପାଯିବ)**

**ଋଣ ଚୁକ୍ତି ପତ୍ର**

**ଏହି ଋଣ ଚୁକ୍ତି ନାମା ________________________ତାରିଖ ________________ମସିହାରେ ନିମ୍ନଲିଖିତ ପକ୍ଷଙ୍କ ମଧ୍ୟରେ ସମ୍ପାଦିତ ହେଲା ।**

**ଋଣ ଗ୍ରହୀତାଙ୍କ (ନାମ )** ______________________________ **ବନ** ସଂରକ୍ଷଣ ସମିତି________________________

________________________, ଠିକଣା ______________________________________________________

ଏବଂ

**ଋଣ ଦାତାଙ୍କ (ନାମ)** ______________________________, **ବନ** ସଂରକ୍ଷଣ ସମିତି ______________________

ଠିକଣା ________________________________________________________________________

**ଏହି ଚୁକ୍ତି** ______________________ **ବନ** ସଂରକ୍ଷଣ ସମିତି ( କୋଡ ନମ୍ବର ______________________) ଏବଂ ______________________________ ଗୋଷ୍ଠୀ / ବ୍ୟକ୍ତିଙ୍କ ମଧ୍ୟରେ ସମ୍ପାଦିତ ହେଲା ଯିଏକି ଋଣଦାତା  ଏବଂ ଋଣ ଗ୍ରହିତା ହିସାବରେ  ପରିଚିତ ହେଲେ ଏବଂ ଏମାନଙ୍କ ଉତ୍ତରାଧିକାରୀ, କାର୍ଯ୍ୟ ନିର୍ବାହକ , ପ୍ରଶାସକ ଏବଂ ମନୋନୀତ ବ୍ୟକ୍ତି ପକ୍ଷ ହିସାବରେ ବିବେଚିତ ହେବେ । ଋଣ ଗ୍ରହୀତାଙ୍କର ଅର୍ଥର ଆବଶ୍ୟକତା ଥିବାରୁ **ସେ ଋଣ ପ୍ରଦାନକାରୀ ଙ୍କୁ** ____________________ **ଟଙ୍କା** ______________________**ମାସ ପାଇଁ କରଜଦେବାକୁ ଅନୁରୋଧ କରିଛନ୍ତି ।**

**ଋଣର ମୂଳଧନ** ______________________ଟଙ୍କା **ବାର୍ଷିକ ସୁଧ ହାର ଶତକଡା ୬। ଯେହେତୁ ଋଣ ଦାତା ଏବଂ ଋଣ ଗ୍ରହୀତା ବହୁ ବର୍ଷ ଧରି ପରସ୍ପରକୁ ଜାଣିଛନ୍ତି,  ତେଣୁ ଋଣ ଦାତା ଋଣ ପ୍ରଦାନ ପାଇଁ ସମ୍ମତି ପ୍ରକାଶ କରିଛନ୍ତି ।**

**ଉଭୟ ପକ୍ଷ ଋଣ ପ୍ରଦାନ ଏବଂ ପରିଶୋଧର ସର୍ତ୍ତକୁ ଲିଖିତ ଭାବରେ ଲିପିବଦ୍ଧ କରିବାକୁ ଇଚ୍ଛୁକ ।** ଏବେ ଏହି ଚୁକ୍ତି ସାକ୍ଷ୍ୟ ପ୍ରମାଣ ଯୁକ୍ତ ହେଲା ଏବଂ  ଉଭୟ ପକ୍ଷ ଙ୍କ ବୁଝାବଣା ଆଧାରରେ ନିମ୍ନମତେ ସ୍ୱାକ୍ଷରିତ ହେଲା ।

୧. ଋଣ ଗ୍ରହୀତାଙ୍କର ରୋଜଗାର  ବୃଦ୍ଧିକାରୀ କାର୍ଯ୍ୟ କ୍ରମ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ  ସେ ଋଣ ଦାତାଙ୍କୁ ____________ଟଙ୍କା ବାର୍ଷିକ ଶତକଡା ୬ ସରଳ ସୁଧ ହାରରେ କରଜ ଦେବାକୁ ଅନୁରୋଧ କରିଥିଲେ ଏବଂ ଋଣ ଦାତା ତାଙ୍କୁ ବ୍ୟବସାୟ ଯୋଜନା ଆଧାରରେ ପ୍ରଦାନ କରିବାକୁ ସମ୍ମତି ପ୍ରଦାନ କଲେ ।

୨. ଋଣ ଗ୍ରହୀତାଙ୍କ ପାଇଁ ଋଣ ରାଶି __________________ ମାସ ପାଇଁ ଆବଶ୍ୟକ ( ______________ ତାରିଖରୁ ____________________ ତାରିଖ ପର୍ଯ୍ୟନ୍ତ )

୩. ଋଣ ଗ୍ରହୀତା ନିର୍ଦ୍ଧାରିତ ସମୟ ମଧ୍ୟରେ ମୂଳଧନ ______________ ଟଙ୍କା ଏବଂ ସୁଧ ବାବଦକୁ ________________ ଟଙ୍କା ପଇଠ କରିବା ପାଇଁ ରାଜି ଓ ପ୍ରତିଶୃତି ବଦ୍ଧ ।

୪. ଏହି ଚୁକ୍ତିର ନିୟମ ଏବଂ ସର୍ତ୍ତ ଉଭୟ ପକ୍ଷ ଙ୍କ ବୁଝାମଣା ଆଧାରରେ ସ୍ଥିରୀକୃତ ।

୫. ଋଣ ଦାତାଙ୍କ ବିବେଚନାରେ ଋଣ ଗ୍ରହୀତା ଭଲ ଭାବରେ ଜାଣିଥିବା ନିଜ ବ୍ୟବସାୟରେ ଋଣ ଅର୍ଥ ବିନିଯୋଗ କରିବେ ।

୬. ଚୁକ୍ତିର ସର୍ତ୍ତ ଏବଂ ନିୟମ ଋଣ ଗ୍ରହୀତାଙ୍କ ଦ୍ୱାରା ଭଙ୍ଗ ହେଲେ, ଏହା ବିଶ୍ୱାସ ଭଙ୍ଗ ହିସାବରେ ବିବେଚିତ ହେବ ଏବଂ ଋଣ ଗ୍ରହୀତା ଏଭଳି କ୍ଷେତ୍ରରେ ପ୍ରତ୍ୟେକ ଥର ଋଣ ରାଶି, ସୁଧ ସହିତ ଅତିରିକ୍ତ ୧% ଜୋରିମାନା ସୁଧ ( ସରଳ ସୁଧ ) ପଇଠ କରିବେ, ଏଭଳି କ୍ଷେତ୍ରରେ ବନଖଣ୍ଡ ଅଧିକାରୀଙ୍କ ନିଷ୍ପତ୍ତି ଚୁଡାନ୍ତ ହିସାବରେ ବିବେଚିତ ହେବ ।

୭. ପ୍ରଦାନ କରଯାଇଥିବା ଉପରୋକ୍ତ ଋଣ ରାଶିର ନିରାପତ୍ତା ବାବଦରେ , ଋଣ ଗ୍ରହୀତା ସ୍ବଇଚ୍ଛାରେ ____________ ବ୍ୟାଙ୍କର ବ୍ଲାଙ୍କ ଚେକ ନମ୍ବର _________________________, ______________________________ ପ୍ରଦାନ କଲେ ଯାହାକି ଆବଶ୍ୟକ ହେଲେ ଉପର ବର୍ଣିତ ସର୍ତ୍ତ ଏବଂ ନିୟମ ଉଲଂଘନ କ୍ଷେତ୍ରରେ ଋଣ ଅବଧି ସମାପ୍ତ ହେବା ପରେ ଉପଯୋଗ କରାଯାଇପାରେ । ଏଥି ସହିତ ଋଣ ଗ୍ରହୀତା ଚୁକ୍ତି ବଦ୍ଧ ହେଲେ ଯେ ସେ ବ୍ୟାଙ୍କ, ପୋଲିସ କିମ୍ବା ଅନ୍ୟ ଅଧିକାରୀଙ୍କ ନିକଟରେ ଚେକଟି ହଜିଯାଇଛି କିମ୍ବା ଠକାମିର ଶିକାର ହୋଇଛନ୍ତି ବୋଲି ଅଭିଯୋଗ କରିବେ ନାହିଁ । ଏଥି ସହିତ ସେ ମଧ୍ୟ ପ୍ରତିଶୃତି ଦେଲେ କି ଚେକ ରେ ଥିବା ଦସ୍ତଖତ / ଟିପ ଚିହ୍ନ ଠିକ ଏବଂ କୌଣସି କ୍ଷେତ୍ରରେ ସେ ବ୍ୟାଙ୍କ କାରବାରରେ ଦସ୍ତଖତ ବଦଳାଇବେ ନାହିଁ ଏବଂ ଯଦି ବଦଳାନ୍ତି ତେବେ ପ୍ରଦତ୍ତ ଚେକ ସ୍ଥାନରେ ଅନ୍ୟ ଏକ ବ୍ଲାଙ୍କ ଚେକ ପ୍ରଦାନ କରିବେ ।

ପ୍ରଦାନ କରାଯାଇଥିବା ଉପରୋକ୍ତ ତଥ୍ୟ ସତ୍ୟ ଏବଂ ଉଭୟ ପକ୍ଷଙ୍କ ଦ୍ୱାରା ଏହା ଯାଞ୍ଚ କରାଯାଇଛି ଏବଂ ଏହାର ସତ୍ୟତା ପାଇଁ ଉଭୟ ପକ୍ଷ ଦାୟୀ ରହିବେ ।

ଉଭୟ ପକ୍ଷଙ୍କ ସ୍ବୀକୃତି ଏବଂ ସମତି ଆଧାରରେ ଆଜି ଦିନରୁ ଚୁକ୍ତିନାମା କାର୍ଯ୍ୟ କାରୀ ହେବାର ସ୍ଥିର ହେଲା ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଚୁକ୍ତି ସ୍ବାକ୍ଷରିତ ହୋଇ ପକ୍ଷ ମାନେ ଗ୍ରହଣ କଲେ ।

ରଣ ପ୍ରଦାନ କାର୍ଯ୍ୟ ସୂଚୀ

| କ୍ର ସଂ | **କିସ୍ତି ସଂଖ୍ୟା** | ସମ୍ପୂର୍ଣ ହେବାକୁ ଥିବା କାର୍ଯ୍ୟ | ନିଜସ୍ୱ ଅବଦାନ ( ୨୦%) | ରଣ ଅନୁଦାନ (୮୦%) | ମନ୍ତବ୍ୟ |
|---|---|---|---|---|---|
| ୧ | କ | | | | |
| ୨ | ଖ | | | | |
| ୩ | ଗ | | | | |
| ୪ | ଘ | | | | |
| ୫ | ଙ | | | | |
| ୬ | ଚ | | | | |

ରଣ ପରିଶୋଧ କାର୍ଯ୍ୟ ସୂଚୀ

| କ୍ର ସଂ | କିସ୍ତି ସଂଖ୍ୟା | ଫେରସ୍ତ ରଣ ଅର୍ଥ | | | | ଯଦି କିଛି ଜୋରିମାନା ଅଛି ( ରଣ ଅର୍ଥର ୧%) | | ମନ୍ତବ୍ୟ |
|---|---|---|---|---|---|---|---|---|
| | | ମୂଳ ରାଶି | ସୁଧ | ସମୁଦାୟ ରାଶି | ତାରିଖ | ଦେୟ ତାରିଖ | ପରିମାଣ ( ଟଙ୍କା) | |
| ୧ | କ | | | | | | | |
| ୨ | ଖ | | | | | | | |
| ୩ | ଗ | | | | | | | |
| ୪ | ଘ | | | | | | | |
| ୫ | ଙ | | | | | | | |
| ୬ | ଚ | | | | | | | |

**ସାକ୍ଷୀ**
**ନାମ:**

**ଠିକଣା :**

**ଦସ୍ତଖତ /** ବାମ ହାତ ବୃଦ୍ଧାଙ୍ଗୁଷ୍ଠିର ଟିପ ଚିହ୍ନ

**ତାରିଖ:**

ବନ ସଂରକ୍ଷଣ ସମିତି (ସମ୍ପାଦକ )
**ନାମ :**

**ଠିକଣା :**

**ଦସ୍ତଖତ**

**ତାରିଖ:**

**ରଣ ଗ୍ରହଣ କାରୀ ପକ୍ଷ ( ସଭାପତି / ସମ୍ପାଦକ)**
**ନାମ:**
**ଠିକଣା :**

**ଦସ୍ତଖତ /** ବାମ ହାତ ବୃଦ୍ଧାଙ୍ଗୁଷ୍ଠିର ଟିପ ଚିହ୍ନ

ତାରିଖ::

# ରଣ ରାଶି ପ୍ରାପ୍ତି ରସିଦ

**ମୁଁ / ଆମେ** ______________________________ **ସଭାପତି ଏବଂ** ______________________________ **ସେକ୍ରେଟାରୀ** ______________________________ **ଋଣ ଗ୍ରହଣ କାରୀ ପକ୍ଷ , ନାମ** ______________________________ ସ୍ୱୟଂ ସହାୟିକ ଗୋଷ୍ଠୀ / ସମ ଆଗ୍ରହୀ ଗୋଷ୍ଠୀ / ଦରିଦ୍ରତମ ବ୍ୟକ୍ତି, ଭିଏସଏସ ଠାରୁ ସରଳ ସୁଧ ______________________________ ( ବାର୍ଷିକ % ପ୍ରତିଶତ ) ______________________________ ମାସ ପାଇଁ ଚେକ ସଂଖ୍ୟା ______________________________, ତାରିଖ ______________________________ କାରବାର ପରିଚୟ ସଂଖ୍ୟା ( ଆଇଡି ନମ୍ବର ), ମତେ ______________________________ (ଟଙ୍କା) ______________________________( ଅକ୍ଷରରେ) ଋଣ ପ୍ରାପ୍ତି ସ୍ୱୀକାର କରୁଅଛୁ , ଋଣ ପ୍ରଦାନ ଏବଂ ପରିଶୋଧ ସୂଚୀ ନିମ୍ନରେ ପ୍ରଦାନ କରାଗଲା ।

**ପରିଶୋଧ କାର୍ଯ୍ୟସୂଚୀ (ଆବଶ୍ୟକ ହେଲେ ଅଧିକ ଧାଡି ଯୋଡାଯିବ ) :**

| **କ୍ର ସଂ** | **କିସ୍ତି ସଂଖ୍ୟା** | **ଋଣ ଅର୍ଥ ଦେୟ** | | | | **ଯଦି କିଛି ଜୋରିମାନା ଅଛି ( ଋଣ ଅର୍ଥର ୧%)** | | **ମନ୍ତବ୍ୟ** |
|---|---|---|---|---|---|---|---|---|
| | | **ମୂଳ ରାଶି** | **ସୁଧ** | **ସମୁଦାୟ** | **ତାରିଖ** | **ଦେୟ ତାରିଖ** | **ପରିମାଣ ( ଟଙ୍କା)** | |
| ୧ | କ | | | | | | | |
| ୨ | ଖ | | | | | | | |
| ୩ | ଗ | | | | | | | |
| ୪ | ଘ | | | | | | | |
| ୫ | ଙ | | | | | | | |
| ୬ | ଚ | | | | | | | |

**ଋଣ ପ୍ରଦାନ ସୂଚୀ :**

| **କ୍ର ସଂ** | **କିସ୍ତି ସଂଖ୍ୟା** | ସମ୍ପୂର୍ଣ୍ଣ ହେବାକୁ ଥିବା କାର୍ଯ୍ୟର ବିବରଣୀ | ନିଜସ୍ୱ ଅବଦାନ ( ୨୦%) | ଋଣ ରାଶି ( ୮୦%) | ମନ୍ତବ୍ୟ |
|---|---|---|---|---|---|
| ୧ | କ | | | | |
| ୨ | ଖ | | | | |
| ୩ | ଗ | | | | |
| ୪ | ଘ | | | | |
| ୫ | ଙ | | | | |
| ୬ | ଚ | | | | |

ଦସ୍ତଖତ / ବାମ ହାତ ବୃଦ୍ଧାଙ୍ଗୁଷ୍ଠିର ଟିପ ଚିହ୍ନ

ସଭାପତି — ସମ୍ପାଦକ / ସମ୍ପାଦିକା

ତାରିଖ — ତାରିଖ